### ଦୋକାନୀଙ୍କୁ ଥଇଥାନ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ

# ବ୍ୟବହାର ନ ହୋଇ ପଡ଼ିରହିଛି ମାର୍କେଟ କମ୍ପ୍ଲେକ୍ସ

**ବଲାଙ୍ଗିର, ୨୯ ।୫(ସମିସ)**

ସରକାରୀ ଟଙ୍କାରେ ନିର୍ମାଣ ହୋଇ ବ୍ୟବହାର ନ ହୋଇ ପଡ଼ିରହିଛି ମାର୍କେଟ କମ୍ପ୍ଲେକ୍ସ। ପ୍ରାୟ ଦୁଇ କୋଟି ଟଙ୍କାର ନିର୍ମାଣ ହୋଇଥିବା ଏହି ମାର୍କେଟ କମ୍ପେଲକ୍ସ କେଉଁ ମାନଙ୍କ ପାଇଁ ନିର୍ମାଣ ହୋଇଛି, ଆବଣ୍ଟନ ହୋଇଛି ନା ହୋଇନାହିଁ ସେନେଇ ସ୍ପଷ୍ଟ ସୂଚନା ନ ଥିବାବେଳେ ଏହି କମ୍ପେଲକ୍ସର ତାଲା କେବେ ଫିଟିବ ତାକୁ ନେଇ ପ୍ରଶ୍ନ ଉଠିଛି। ବଲାଙ୍ଗିର ପୌରପରିଷଦ ଅଧୀନରେ ଥିବା ଏହି କମ୍ପେଲକ୍ସରେ ଗରିବ ଉଠା ଦୋକାନୀ ମାନଙ୍କୁ ଥଇଥାନ କରିବା ପାଇଁ ଏହାର ନିର୍ମାଣ କରାଯାଇଥିବା ଜଣାପଡ଼ିଛି। ଗତ କିଛିବର୍ଷ ଭିତରେ ବଲାଙ୍ଗିର ସହରକୁ ବ୍ୟବସ୍ଥିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସରକାରଙ୍କ ଉଦ୍ୟମରେ ସହରର ବିଭିନ୍ନ ସ୍ଥାନରେ ବଜାର ପାଇଁ ବ୍ୟବସ୍ଥା କରାଯାଇଥିଲା। ଏପରିକି ପାର୍କିଂ ବ୍ୟବସ୍ଥା ପାଇଁ ପାର୍କିଂ ନିର୍ମାଣ କରାଯାଇଥିଲା। ସହରରେ ଜନଗହଳି ରାସ୍ତା ଉପରେ ଫଳ ମାର୍କେଟ ଓ ଫାଷ୍ଟଫୁଡ୍ ଦୋକାନ ମଧ୍ୟ ରହିଥିଲା। ଏହି ସବୁ ବ୍ୟବସାୟୀମାନଙ୍କ ପାଇଁ ଫଳ ବଜାର, ଫାଷ୍ଟଫୁଡ ଓ ଆମିଷ ବଜାର ନିର୍ମାଣ କରାଯାଇଥିଲା। ରାସ୍ତା ଉପରେ ଏମିତି କିଛି ବ୍ୟବସାୟୀଙ୍କ ଦୋକାନ ରହିଥିଲା ଯେଉଁ ମାନେ କି ଅନ୍ୟ ସବୁ ଜିନିଷ ବିକି ପରିବାର






**ଦୁଇବର୍ଷ ହେଲା ସରିଛି ନିର୍ମାଣ କାମ**

ଚଳାଉଥିଲେ। ତେବେ ସହରକୁ ବ୍ୟବସ୍ଥିତ ଓ ସୁନ୍ଦର କରିବା ପାଇଁ ନିଆଯାଇଥିବା ପଦକ୍ଷେପରେ ଏହି ସବୁ ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କ ଦୋକାନ ଯିବା ସହ ପରିବାର ମଧ୍ୟ ଅସୁବିଧାରେ ପଡ଼ିଥିଲା। ଏହି ସବୁ ବୁଲି ବ୍ୟବସାୟୀମାନଙ୍କ ପେଟ ପଟଣାକୁ ଚିନ୍ତାକରି ସହରର କଚେରି ଛକ ନିକଟରେ ଏକ ମାର୍କେଟ କମ୍ପେଲକ୍ସ ନିର୍ମାଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଆଯାଇଥିଲା। ଏହି ଭିତରେ ବିଭିନ୍ନ ଜିନିଷ ବିକ୍ରି କରିବା ପାଇଁ ବ୍ୟବସାୟୀ ଦୋକାନ ଖୋଲିବେ। ଯାହାକି ତାଙ୍କ ପରିବାର ଚଳାଇବା ଓ ବ୍ୟବସାୟ ଆଗକୁ ବଢ଼ାଇବାରେ ସହାୟକ ହେବ। କିଛି ଏହିଭଳି ଲକ୍ଷ୍ୟ ନେଇ ପ୍ରସ୍ତୁତ ହୋଇଥିବା ଯୋଜନା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ଏଥି ପାଇଁ ୨ କୋଟି ୨୩ ଲକ୍ଷ ଟଙ୍କା ବରାଦ କରାଯାଇଥିଲା। ଏହି ଟଙ୍କା ରେ ଗତ ପ୍ରାୟ ଦୁଇ ବର୍ଷ ପୂର୍ବରୁ ଏହି କମ୍ପେଲକ୍ସ ନିର୍ମାଣ ସାରିଥିବା ଜଣାପଡ଼ିଛି। କିନ୍ତୁ ଏପର୍ଯ୍ୟନ୍ତ କମ୍ପେଲକ୍ସ ଦୋକାନୀ ମାନଙ୍କୁ ଦିଆଯାଇନଥିବା ଅଭିଯୋଗ ହୋଇଛି। ନିର୍ମାଣ କାମ ସରିଯାଇଥିବା ସତ୍ୱେ ଏହାକୁ ଆରମ୍ଭ କରା ନ ଯିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଏହି କମ୍ପେଲକ୍ସ ଆରମ୍ଭ ହେଲେ ବ୍ୟବସାୟୀ ମାନଙ୍କ ସୁବିଧା ହେବା ସହ ପୌରପରିଷଦ ମଧ୍ୟ ରାଜସ୍ୱ ପାଇବ। ତେବେ କେବେ ଓ କେଉଁମାନଙ୍କୁ ଏହି କମ୍ପେଲକ୍ସ ଭିତରେ ଷ୍ଟଲପ୍ରଦାନ କରାଯିବ ତାହା ସ୍ପଷ୍ଟ କରିବା ସହ ଏହାକୁ ଆରମ୍ଭ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ବନପାଳଙ୍କୁ କାରଣଦର୍ଶାଅ ନୋଟିସ

**ସକାଳ ପ୍ରଭାବ**

**ନିଆଁଲାଗି ଗଛ ପୋଡ଼ିଯିବା ଘଟଣା**

**ତୁରେକେଲା, ୨୯ ।୫(ସମିସ):** କଣ୍ଟାବାଞ୍ଜି ରେଞ୍ଜ ଅଧୀନସ୍ଥ ତୁରେକେଲା ସେକ୍ସନର ୨୦୨୨-୨୩ ବର୍ଷରେ ବାଗବେଲ ଗାଁ ଜଙ୍ଗଲରେ ୧୦୦ ହେକ୍ଟର ଜମିରେ ଚାରାରୋପଣ କରାଯାଇଥିବାବେଳେ ୨୦୨୦-୨୦୨୧ରେ ବର୍ଷରେ ବର୍ଲା ଗାଁ୬୫ ହେକ୍ଟର ଜମିରେ ଚାରାରୋପଣ କରି ବନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ଗତ କିଛି ଦିନ ତଳେ ବର୍ଲା ଓ ବାଗବେଲ ଗାଁ ଜଙ୍ଗଲରେ ନିଆଁ ଲାଗିଯାଇଛି। ଯାହାଫଳ ରେ ଅନେକ ମୂଲ୍ୟବାନ ବୃକ୍ଷ ନିଆଁରେ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇବାପରେ ତତ୍ପରତା ଦେଖାଇଛି କଣ୍ଟାବାଞ୍ଜି ବନ ବିଭାଗ। ଜିଲ୍ଲାସ୍ତରୀୟ ବନ ବିଭାଗ ଅଧିକାରୀ ଓ କଣ୍ଟାବାଞ୍ଜି ରେଞ୍ଜର ନିଆଁ ଲାଗିଥିବା କ୍ଷେତ୍ର ପରିଦର୍ଶନ କରିଥିଲେ। ଦାୟିତ୍ୱରେ ଥିବା ତୁରେକେଲା ସେକ୍ସନ ବନପାଳ ଗୋବର୍ଦ୍ଧନ ପୁଟେଲଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଉଥିବା କଣ୍ଟାବାଞ୍ଜି ରେଞ୍ଜର ସିଦ୍ଧାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି। ବନ ବିଭାଗ ପକ୍ଷରୁ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକରି ସବୁଜ ସୁନ୍ଦର ପରିବେଶ ପାଇଁ ବିଭିନ୍ନ ଚାରାରୋପଣ କରୁଥିବା ବେଳେ ବନ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁଁ ଲକ୍ଷଲକ୍ଷ ଟଙ୍କା ମାଟିରେ ମିଶୁଛି। କଣ୍ଟାବାଞ୍ଜି ରେଞ୍ଜରେ ଏହା କୌଣସି ନୂଆଁ ଘଟଣା ନୁହେଁ। ପୂର୍ବରୁ ମଧ୍ୟ କଣ୍ଟାବାଞ୍ଜି ରେଞ୍ଜର ବିଭିନ୍ନ ସେକ୍ସନ ରେ ଦାୟିତ୍ୱରେ ଥିବା ବନପାଳ ଓ କର୍ମଚାରୀଙ୍କ ଅବହେଳା ହେତୁ ଜଙ୍ଗଲରୁ ମୂଲ୍ୟବାନ ଗଛ ଚୋରାଚାଲାଣ ହେବାସହ ଅନେକ ଗଛ ଜଳି ଯାଇଛି। ଏମିତି ସବୁବେଳେ ଗଣମାଧ୍ୟମରେ ଖବର ପ୍ରକାଶ ହେଉଥିଲେ ମଧ୍ୟ ବନପାଳ ଓ କର୍ମଚାରୀଙ୍କୁ କଣ୍ଟାବାଞ୍ଜି ରେଞ୍ଜ ଅଧିକାରୀମାନେ କାରଣଦର୍ଶାଅ ନୋଟିସ ଜାରିକରି ତାଙ୍କ କାମ ସାରିଦିଅନ୍ତି। ତେବେ ଦେଖିବାକୁ ରହିଲା କାରଣଦର୍ଶାଅ ନୋଟିସ ଜାରିକରିଥିବା ବନପାଳଙ୍କ ଉପରେ କଣ୍ଟାବାଞ୍ଜି ବନବିଭାଗ କ'ଣ ପଦକ୍ଷେପ ନେଉଛନ୍ତି।

# ପୁଅ ଓ ଝିଅଙ୍କୁ ଉଦ୍ଧାର ପାଇଁ ବାପାଙ୍କ ନିବେଦନ

**ଆନ୍ଧ୍ରପ୍ରଦେଶରେ ବନ୍ଧାହେଲେ ୨ ଶିଶୁ ଶ୍ରମିକ**

**କଣ୍ଟାବାଞ୍ଜି, ୨୯ ।୫(ସମିସ):** କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅଧୀନ ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡ ବ୍ଲକର ଅନେକ ଶ୍ରମିକ ଦାନା ପାଇ ରାଜ୍ୟ ବାହାରକୁ କାମ କରିବାକୁ ଯାଉଛନ୍ତି। ପରବର୍ତ୍ତୀ ସମୟରେ ଶ୍ରମିକମାନେ ଇଟାଭାଟି ମାଲିକଙ୍କ ନିର୍ଯାତନାର ଶିକାରହୋଇ ଫେରୁଛନ୍ତି। ଏହିଭଳି ଏକ ଅଭିଯୋଗ ଆସିଛି ମୁରିବାହାଲ ବ୍ଲକ ଅଧୀନ ଅଣ୍ଡାଳଦର ଗାଁରୁ। ସେହି ଗାଁ ଶ୍ରମିକ ଗୁଣ ମାଝୀ(୪୨) ଗତବର୍ଷ ନଭେମ୍ବର ମାସରେ ସ୍ଥାନୀୟ ଦାଦନ ସର୍ଦ୍ଦାର ଧନମାଳି ତାଣ୍ଡିଙ୍କ ଜରିଆରେ ଅଗ୍ରୀମ ଟଙ୍କା ନେଇ ୫ ବର୍ଷ ପୁଅ ଘନ ମାଝୀ ଓ ୧୪ ବର୍ଷ ଝିଅ ଯାଜ୍ଞସେନୀ ମାଝୀଙ୍କୁ ନେଇ ଆନ୍ଧ୍ରପ୍ରଦେଶର ସିକାକୁଲମ ଜିଲ୍ଲାର କଳତୁର ଅଞ୍ଚଳର ଇଟା ଭାଟିକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଶ୍ରମିକ ଗୁଣ ଅଗ୍ରୀମ ଯେତେ ଟଙ୍କା ନେଇଥିଲା ସେତେ କାମ ମଧ୍ୟ କରିଥିଲା, ଯେଉଁ ଦିନ ତାଙ୍କ ଛୁଟି ହେଲା ଗାଁକୁ ସେ ଫେରିବା ସମୟରେ ଇଟା ଭାଟି ମାଲିକ ତ୍ରିନାଥ ୫ ବର୍ଷ ଘନ ମାଝୀ ଓ ୧୪ ବର୍ଷ ଯାଜ୍ଞସେନୀଙ୍କୁ ବନ୍ଧକ ରଖିଥିଲେ। ଏନେଇ ଶ୍ରମିକ ଗୁଣମାଝୀ କଣ୍ଟାବାଞ୍ଜି ଲେବର ୟୁନିଅନ ଅଫିସ ଆସି ଶ୍ରମିକନେତା କଳମ ଭୋଇଙ୍କୁ ତାଙ୍କ ଅଭିଯୋଗ ଜଣାଇଥିଲେ। ଶ୍ରମିକ ନେତାଙ୍କ ସହଯୋଗରେ ବଲାଙ୍ଗିର ଜିଲ୍ଲା ଶ୍ରମିକ ଅଧିକାରୀଙ୍କୁ ଏନେଇ ଏକ ଲିଖିତ ଅଭିଯୋଗ କରିଛନ୍ତି ଗୁଣ। କିନ୍ତୁ ଅଭିଯୋଗ ଦେଇ ଅନେକ ଦିନ ବିତି ଯାଇଥିଲେ ସୁଦ୍ଧା ବଲାଙ୍ଗିର ଶ୍ରମ ବିଭାଗ ମଧ୍ୟ କୌଣସି ପଦକ୍ଷେପ ନେଇନାହିଁ। ଯାହାଫଳରେ ଗଣମାଧ୍ୟମ ରେ ଆନ୍ଧ୍ରପ୍ରଦେଶ ଇଟାଭଟିରେ ବନ୍ଧା ପଡ଼ିଥିବା ତାଙ୍କ ୨ ପୁଅ ଝିଅ ଙ୍କୁ ଉଦ୍ଧାର ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନଙ୍କୁ ଆକୁଳ ନିବେଦନ କରିଛନ୍ତି ଶ୍ରମିକ ଗୁଣ ମାଝୀ।

# ସିକୁଆଁ ପଞ୍ଚାୟତରେ ଆଇନ ସଚେତନତା ଶିବିର




**ଦେଓଗାଁ, ୨୯।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସିକୁଆଁ ପଞ୍ଚୟତ କାର୍ଯ୍ୟାଳୟ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ବିଦ୍ୟୁତଲତା ଖମାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସିଭିଲ ଜର୍ଜ ତଥା ଆଇନସେବା ପ୍ରାଧିକରଣର ସଚିବ ଯୋଗଦେଇ ରାଷ୍ଟ୍ରୀୟ ଆଇନସେବା ବିଷୟରେ ଅବଗତ କରିଥିଲେ। ଏହାସହ ସଲିଡ୍ ୱେଷ୍ଟ ମେନେଜମେଣ୍ଟ ଉପରେ ଅବଗତ କରିଥିଲେ। ଏ ଅବସରରେ ସମ୍ମାନିତ ଅତିଥିଭାବେ ଦେଓଗାଁ ବ୍ଲକ ଏବିଡିଓ ପୁଷ୍ପାଞ୍ଜଳି ମେହେର, ସ୍ଥାନୀୟ ସରପଞ୍ଚ ରାଜକୁମାର ଭୋଇ, ବଲାଙ୍ଗିର ମ୍ୟୁନିସିପାଲିଟିର ସହକାରୀ ଯନ୍ତ୍ରୀ ଲିଲାମୟ ସାହୁ, ସିକୁଆଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବିରେନ୍ଦ୍ର କୁମାର ଛତ୍ରିଆ, ଦୀପକ ପଣ୍ଡା, ଆଶୁତୋଷ ପୁଟେଲ ଓ ପ୍ରକାଶ ସେଠ ପ୍ରମୁଖ ଯୋଗଦେଇ ଥିଲେ।

# ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ

**ଖପ୍ରାଖୋଲ, ୨୯ ।୫(ସମିସ):** ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତର ଦେଦର୍ହ ଗାଁରେ ହୁମାରା ବଚ୍ଚନ ଟ୍ରଷ୍ଟ ତରଫରୁ 'ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ହୋଇଯାଇଛି। ଶିବିରରେ ଟ୍ରଷ୍ଟର ଜିଲ୍ଲା ସଂଯୋଜକ କୀର୍ତ୍ତି ସାମରଥ ଅଧ୍ୟକ୍ଷତା କରିଥିବା ବେଳେ ମେଡିକାଲ ସୁପରଭାଇଜର ଦାମୋଦର ମେହେର ତାଲିମଦାତା ଭାବେ ଯୋଗଦେଇ ରତୁସ୍ରାବ ଓ କିଶୋରୀ ମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟପେୟ, ପେଡ୍ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ପରେ ଏନେଇ ଏକ ସଚେତନ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଶିବିରରେ ଆଶା କର୍ମୀ, ସିଆରପି, ଏମ ବିକେ, କିଶୋରୀ ଯୁବତୀ ଓ ମହିଳା ଯୋଗଦେଇ ଥିଲେ।



# ରତୁସ୍ରାବ ସମୟରେ ସ୍ୱଚ୍ଛତା ଜରୁରୀ

**ବଲାଙ୍ଗିର, ୨୯ ।୫(ସମିସ):** ପୁଇଁନ୍ତଳା ବ୍ଲକ ଆଟଗାଁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ରତୁଶ୍ରାବ ସ୍ୱଚ୍ଛତା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଟଗାଁର ସରପଞ୍ଚ ଶାଳିନୀ ସେଠ, ସିଏଚ୍‌ଓ ରଶ୍ମୀ ବାରିକ, ଆଶା ସାଥୀ ମିନା ପଟେଲ, ଆଙ୍ଗନବାଡ଼ି କର୍ମୀ ବୈଷ୍ଣବି ପରି ନାଗ, ଆଶାକର୍ମୀ ଜୟଶ୍ରୀ ସା, କିଶୋର ଭାଇ, ଶ୍ରୀଓମ୍ ପଟେଲ, କିଶୋରି, ସଙ୍ଗୀତା ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ଦେଶିଆ ଫାଉଣ୍ଡେସନ ଟ୍ରଷ୍ଟର ଇତିଶ୍ରୀ ନନ୍ଦ ଏବଂ ସମସ୍ତ ସିଏଫ୍, ୱାଇସିଡିଏର ଆଞ୍ଚଳିକ ଅଧିକାରୀ ସୁବ୍ରତା ଜେନା, ଜିଲ୍ଲା ସଂଯୋଜିକା ଆନନ୍ଦିନୀ ରଥ, ଟୁ ଫିଟ୍ ଏହେଡ୍ ଟୁଗେଦର ପ୍ରୋଜେକ୍ଟର ପ୍ରୋଗାମ ମ୍ୟାନେଜର ଜ୍ୟୋତି କୁମାର ରଥ, ବ୍ଲକ ସଂଯୋଜିକା ରୁଷାଳୀ ଦେବୀ, ସମସ୍ତ ପ୍ରୋଗ୍ରାମ ସହଯୋଗୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲା। ସିଏଚ୍‌ଓ ରଶ୍ମୀ ବାରିକ ଆମେ କିଶୋରୀ ଭାବେ ରତୁସ୍ରାବ ସମୟରେ କିପରି ସ୍ୱଚ୍ଛତା ଅବଲମ୍ବନ କରିବା ସେ ବିଷୟରେ କହିଥିଲେ। ପରେ ଡିଏଫ୍‌ଟି ଇତିଶ୍ରୀ ନନ୍ଦ କିଶୋରୀ ଭାବରେ ଆମେ ରତୁସ୍ରାବକୁ ଲଜ୍ୟା ନ କରି ଘରେ ଜଣାଇବା ଓ ପ୍ୟାଡ୍ ବ୍ୟବହାର କରିବା ସେ ବିଷୟରେ କହିଥିଲେ। ଆନନ୍ଦିନୀ ରଥ ଧନ୍ୟବାଦ ଦେଇଥିଲେ।






# ଶୃଖିଳା ପଡ଼ିଛି ସୋନଗଡ଼ ନଦୀ; ବ୍ୟାରେଜ ନିର୍ମାଣ ଦାବି

**ତୁଷୁରା, ୨୯ ।୫ (ସମିସ):** ପାଟଣାଗଡ଼ ଅଞ୍ଚଳରୁ ସୋନଗଡ଼ ନଦୀ ବାହାରି ତୁଷୁରା ସ୍ଥିତ ତେଲନଦୀରେ ମିଶିଛି। ବଲାଙ୍ଗିର ଜିଲ୍ଲାର ଅନେକ ବ୍ଲକର ଲୋକ ଏହି ନଦୀ ଉପରେ ନିର୍ଭର କରନ୍ତି। ବର୍ଷା ରତୁରେ ୨ ମାସ ଖାଲି ଏହି ସୋନଗଡ଼ ନଦୀରେ ପାଣି ପ୍ରବାହିତ ହେଉଥିବା ବେଳେ ବାକି ୧୦ ମାସ ପର୍ଯ୍ୟନ୍ତ ଶୁଖିଲା ପଡ଼ିଥାଏ। ଏହି ନଦୀର ବାଲି ସଫା ରହୁଥିବାରୁ ବଲାଙ୍ଗିର ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳ ଲୋକେ ପସନ୍ଦ କରି ଘରକାମ ପାଇଁ ନେଇଥାନ୍ତି। ପ୍ରଶାସନ ରୋଏଲଟି ମାଧ୍ୟମରେ ବାଲି ବିକ୍ରି କରି ଏହି ନଦୀ ରୁ କୋଟି କୋଟି ଟଙ୍କା ଆଦାୟ କରୁଛି। କିନ୍ତୁ ପାଣି ପାଇଁ ଏହି ନଦୀଉପରେ ନିର୍ଭର କରୁଥିବା ଲୋକେ ହଇରାଣ ହେଉଛନ୍ତି। ନଦୀକୂଳରେ ଥିବା ଗାଁ ଲୋକେ ବାଲି ଚୂଆଁ ଖୋଲି ଏହି ନଦୀ ଉପରେ ଭରସା କରୁଛନ୍ତି। ବଲାଙ୍ଗିର ଜିଲ୍ଲା ହେଉଛି ଗୋଟିଏ ମରୁଡ଼ି ପ୍ରଭାବିତ ଜିଲ୍ଲା। ପ୍ରତ୍ୟେକ ବର୍ଷ ମରୁଡ଼ି ପାଇଁ ଚାଷୀ ମାନଙ୍କର କ୍ଷୟକ୍ଷତି ହୋଇଥାଏ। ଏହି ନଦୀରେ ଗୋଟିଏ ବ୍ୟାରେଜ ନିର୍ମାଣ କରାଗଲେ ଚାଷୀ ମାନେ ଉପକୃତ ହେବା ସହିତ ନଦୀ କୂଳିଆ ଲୋକେ ପାଣି ପାଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଥାନ୍ତି।

# ସ୍ମାର୍ଟ ମିଟର ଲଗାଣକୁ ନାଗରିକ କମିଟିର ବିରୋଧ

**ବଲାଙ୍ଗିର, ୨୯ ।୫ (ସମିସ):** ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟି ବୈଠକ ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ମଧୁସୁଦନ ନାୟକ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ। ଟାଟାପାୱାର ଜୋରଜବରଦସ୍ତ ସ୍ମାର୍ଟ ମିଟର ଲଗାଉଥିବା ବିଷୟରେ ଅସନ୍ତୋଷ ପ୍ରକାଶ କରିବା ସହିତ କାର୍ଯ୍ୟକାରୀ କମିଟିର ପ୍ରାୟ ସମସ୍ତ ସଦସ୍ୟ ଅଭିଯୋଗ ଆଣିଥିଲେ କି ଏହା ଟାଟା ପାୱାରର ସରଳ ଜନସାଧାରଣଙ୍କ ଉପରେ ଏକ ପ୍ରକାର ଅତ୍ୟାଚାର ସଦୃଶ ଅଟେ। ତେଣୁ ଏହାର ପ୍ରତିବାଦ କରାଯିବା ଉଚିତ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଆଗାମୀ ଜୁନ୍ ୧ ତାରିଖରେ ଏ ବିଷୟରେ ସାଧାରଣ ପରିଷଦ ବୈଠକରେ ଆଲୋଚନା ହେବାପରେ ଜୁନ ୩ ତାରିଖରେ ଇଲେକ୍ଟ୍ରିକାଲ ସୁପରିଟେଣ୍ଡିଂ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧର୍ମଘଟ ସହିତ ମେମୋରେଣ୍ଡମ ଦିଆଯିବାକୁ ନିର୍ଦ୍ଧାରଣ କରାଯାଇଛି। ଏହା ପରେ ସହରରେ ପ୍ରଦୂଷଣ ଜନିତ ସମସ୍ୟା, ନାଗରିକ କମିଟିର କାର୍ଯ୍ୟାଳୟ ସକାଶେ ଜମି ବ୍ୟବସ୍ଥା, ବୃକ୍ଷ ରୋପଣ, ବିଦ୍ୟୁତ ବିଭାଗ ଦ୍ୱାରା ଅନାବଶ୍ୟକ ବୃକ୍ଷ ଛେଦନ, କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଫିଜିଓଥେରାପି କେନ୍ଦ୍ରରେ ଅଧିକ ଫି ଗ୍ରହଣ, ବଲାଙ୍ଗିର ସରକାରୀ ଆୟୁର୍ବେଦ ଫାର୍ମାସିକୁ ଚରମ ଅବହେଳା ଆଦି ସମସ୍ୟା ଓ ତାର ସମାଧାନ ଦିଗରେ ବିଭିନ୍ନ ପ୍ରସ୍ତାବ ସହିତ ବିଷଦ ଆଲୋଚନା ହୋଇଥିଲା। ସହ ସମ୍ପାଦକ ସୁନୀଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ନିରୁଦ୍ଦିଷ୍ଟ



**ଦୁର୍ଯ୍ୟୋଧନ ବେହେରା**

ପିତା: ନାଥ ବେହେରା, ଜନ୍ମ ତାରିଖ: ୧୯.୦୬.୧୯୫୦, ଘର: ଅବଦଲପୁର, କଣ୍ଡିଆହାଟ, ଥାନା: ରାଜକନିକା, କେନ୍ଦ୍ରାପଡ଼ା, ଗଲା ବେଳର ପୋଷାକ: ଧୋତି ଓ ନୀଳ ଶାର୍ଟ, ହାତରେ ଥିଲା: ହେଲମେଟ୍, ନିରୁଦ୍ଦିଷ୍ଟ ଦିନ: ୨୭ ମେ, ସୋମବାର, ମାନସିକ ବିକୃତି ଥିଲା, ଡମଣା, ପଟିଆ, ଚନ୍ଦ୍ରଶେଖରପୁର, ନୀଳାଦ୍ରି ବିହାର ଓ ଶୈଳଶ୍ରୀବିହାର ଅଞ୍ଚଳରେ ଥିବାର ସମ୍ଭାବନା। ଯୋଗାଯୋଗ : ନିରଞ୍ଜନ ବେହେରା
9438046359
8763423693

### ଡହଡହ ଖରାରେ ସିଝୁଛି କଣ୍ଟାବାଞ୍ଜି

# ବିଶୁଦ୍ଧ ପାଣି ପାଇଁ ଡହଳବିକଳ ସହରବାସୀ

**କଣ୍ଟାବାଞ୍ଜି, ୨୯ ।୫(ସମିସ)**

ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଯେଉଁଥିପାଇଁ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ଲୋକମାନେ ଘରୁ ବାହାରି ପାରୁନାହାଁନ୍ତି, ସକାଳ ୧୧ ଟା ବେଳକୁ ରାସ୍ତାଘାଟ ଶୁନଶାନ୍ ହୋଇପଡୁଛି। ଅସମ୍ଭାଳ ହେଉଛି ତାତି ଅସ୍ତବ୍ୟସ୍ତ ହେଉଛି ଜୀବନ ଯାତ୍ରା। ଏହି ପରିପ୍ରେକ୍ଷୀରେ ବିସୁଧ ପାନୀୟଜଳ ପାଇଁ ଡହଳବିକଳ ହୋଇପଡ଼ିଛନ୍ତି ସହରବାସୀ। ଏହିଭଳି ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ। ରାଜ୍ୟ ସରକାର ସହରରେ ବସବାସ କରୁଥିବା ପରିବାରକୁ ବିସୁଧ ପାନୀୟଜଳ ଯୋଗାଣପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ବିସୁଧ ପାନୀୟଜଳ ପାଇବାରୁ ବଞ୍ଚିତ ସହର ଅନେକ ପଡ଼ାବାସୀ। ଏନେଇ ସ୍ଥାନୀୟ ଜନ ପ୍ରତିନିଧି ଓ ଦାୟିତ୍ୱ ଥିବା କର୍ମଚାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ସୂଚନା ଅନୁସାରେ କଣ୍ଟାବାଞ୍ଜି ସହର ସିଙ୍ଗାଳପଡ଼ାରେ ମଧ୍ୟ କିଛିଘରକୁ ପାଇପ ଯୋଗେ ପାଣି ଆସୁଥିବାବେଳେ ଅନେକ ପରିବାର ବିସୁଧ ପାନୀୟଜଳ ପାଇବାରୁ ବଞ୍ଚିତ ଥିବା ସେମାନେ ଅଭିଯୋଗ କରୁଛନ୍ତି। ଯାହାଫଳରେ ସେମାନେ ନଳକୂପ ଉପରେ ଭରସା କରୁଛନ୍ତି। ସେହିପରି ସହରର ଗାନ୍ଧୀ ନଗର ପଡ଼ାବାସୀ ମଧ୍ୟ ବିସୁଧ ପାନୀୟଜଳ ପାଇଁ ନାହି ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। କେତେବେଳେ କାଁଭାଁ ପାଇପ ଯୋଗେ ଅଳ୍ପ କିଛି ପାଣି ଆସୁଥିବା ବେଳେ ଗତ ୨ ଦିନ ହେଲା ସେହି ପାଇପ ଲାଇନରେ ମଧ ଅଳିଆ ଆବର୍ଜନ ପାଣି ଆସୁଥିବା ପଡ଼ା ବାସୀଙ୍କ ଅଭିଯୋଗ। ଏନେଇ ଦାୟିତ୍ୱରେ ଥିବା



**ଜଳ ଯୋଗାଇବାରେ ଫେଲ୍ ମାରିଛି ପିଏଚ୍‌ଡି!**

କର୍ମଚାରୀଙ୍କୁ କହିଲେ ପାଣି ମୋଟରରେ ତ୍ରୁଟି ଥିବା ସେମାନେ କହୁଛନ୍ତି। ଫଳରେ ଲୋକେ ପାଣି କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଗତବର୍ଷ ଏହି ପଡ଼ାବାସୀ ପାଣି ପାଇଁ ସହର ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। କିନ୍ତୁ ପିଏଚ୍‌ଡି ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁଁ ଆଜିବି ବିଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ଗାନ୍ଧୀନଗରର ପଡ଼ାବାସୀ। କେବଳ ଯେ ଏହି ୨ଟି ପଡ଼ାରେ ପାଣି ସମସ୍ୟା ତାହା ନୁହେଁ, ଏମିତି ସହରର ଅନେକ ପଡ଼ାକୁ ପାନୀୟଜଳ ଯୋଗାଇବାରେ କଣ୍ଟାବାଞ୍ଜି ପିଏଚ୍‌ଡି ଫେଲ ମାରୁଥିବା ଅଭିଯୋଗ ହେଉଛି। ସେହିପରି ଗୋଟିଏ ପଟେ ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ଦାୟିତ୍ୱରେଥିବା ଅଧିକାରୀଙ୍କ ଅବହେଳା ଯୋଗୁଁ ଜଳ ଯୋଗାଣ ଠପ୍ ହୋଇ ଯୋଜନା ବାଟମାରଣା ହେଉଛି। କାଁଭାଁ ପିଏଚ୍‌ଡିର କିଛି ଟ୍ରାକ୍ଟର ପାଣି ନେଇ ସହରର ବିଭିନ୍ନ ୱାର୍ଡକୁ ଯାଉଥିବାବେଳେ ସେହି ୱାର୍ଡରେ ମଧ୍ୟ ସବୁପରିବାର ପାଣି ପାଉନାହାନ୍ତି। ସହରର ଧନୀଶ୍ରେଣୀ ପରିବାର ବସବାସ କରୁଥିବା କଲୋନୀରେ କଣ୍ଟାବାଞ୍ଜି ପିଏଚ୍‌ଡି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟାଙ୍କି ନିର୍ମାଣ କରି ଜଳ ଯୋଗାଣ କରୁଥିବାବେଳେ ସହରର ସାଧାରଣ ପରିବାରଙ୍କୁ ପାଣି ଯୋଗାଇ ପାରୁନାହିଁ କଣ୍ଟାବାଞ୍ଜି ପିଏଚ୍‌ଡି ବିଭାଗ। ଏନେଇ କଣ୍ଟାବାଞ୍ଜି ପିଏଚ୍‌ଡି ବିଭାଗ ଯନ୍ତ୍ରୀ ପ୍ରଦୀପ ମାହାକୁଡ଼ଙ୍କୁ ଯୋଗାଯୋଗ କରିବାରୁ ମୋ ପାଖକୁ ସେମିତି ଅଭିଯୋଗ ଆସିନାହିଁ, ଅଭିଯୋଗ ଆସିଲେ ସମାଧାନ କରାଯିବ ବୋଲି କହିଥିଲେ। ଏହି ପାନୀୟଜଳ ସମସ୍ୟା ଉପରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ସ୍ୱତନ୍ତ୍ର ଦୃଷ୍ଟିଦେଇ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସହରବାସୀ ନିବେଦନ କରିଛନ୍ତି।



# ଡୋକରୀଚଞ୍ଚରାରେ ମିଳୁନି ମୋବାଇଲ ନେଟ୍‌ୱର୍କ




**କୋକସରା, ୨୯।୫(ସମିସ)**

ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କୋକସରା ବ୍ଲକ ଢୁଢୁକାଠେଙ୍ଗା ପଞ୍ଚାୟତ ଖଲିଗଡ଼ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଅବସ୍ଥିତ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାରେ ମୋବାଇଲ ନେଟ୍‌ୱର୍କ ଆସୁନାହିଁ। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ନିଜ ଲୋକଙ୍କ ସହ ଯୋଗାଯୋଗ କରି ନ ପାରି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବର୍ଷ ସାରା ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ବିଶେଷ କରି ନୂଆ ବର୍ଷ, ଶ୍ରୀରାମ ନବମୀ ଓ ଗୁଡହାଣ୍ଡି ମହୋତ୍ସବ ସମୟରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। କିନ୍ତୁ ଏଠାରେ କୌଣସି ମୋବାଇଲ୍ ନେଟ୍‌ୱର୍କ ନାହିଁ। ଯାହାଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ବହୁ ହଇରାଣ ହୋଇଥାନ୍ତି। ପର୍ଯ୍ୟଟନସ୍ଥଳୀରୁ ପ୍ରାୟ ୮ କିମି ଦୂର ଖଲିଗଡ଼ ଗ୍ରାମକୁ ଆସିଲେ ନେଟ୍‌ୱର୍କ ମିଳିଥାଏ। ତାହା ପୁଣି ଗଛ କି ପାହାଡ଼ ଚଢିଲେ ନେଟ୍‌ୱର୍କ ପାଇବା ସମ୍ଭବ ହୋଇଥାଏ। ସୂଚନାଯୋଗ୍ୟ ଯେ ଗତ ବର୍ଷ ପିକନିକ୍ ପାଇଁ ଆସିଥିବା ଏକ ସ୍କୁଲର ଛାତ୍ରଛାତ୍ରୀମାନେ ସେଠାରେ ବୁଲାବୁଲି କରି ସନ୍ଧ୍ୟାରେ ନିଜ ଗନ୍ତବ୍ୟସ୍ଥଳକୁ ବାହାରିଥିବା ସମୟରେ ତାଙ୍କ ବସ ଖରାପ୍ ହୋଇଥିଲା। ଫଳରେ ଉକ୍ତ ସ୍ଥାନରେ ସେମାନେ ଫସି ରହିଥିଲେ। ଏବଂ ଦୀର୍ଘ ୮ କିମି ଦୂର ଚାଲିଚାଲି ଆସି ମେକାନିକ୍‌ଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ। ଗାଡ଼ି ମରାମତି ପରେ ପୁଲିସ ସହାୟତାରେ ସମସ୍ତେ ରାତିରେ ଘରକୁ ଫେରିଥିଲେ। ଏଭଳି ଅନେକ ପର୍ଯ୍ୟଟକ ନେଟ୍‌ୱର୍କ ପାଉ ନ ଥିବାରୁ ଏହି ସ୍ଥାନକୁ ବୁଲିବାକୁ ଆସି ବହୁ ହଇରାଣ ହରକତ ହେଉଥିବା ମଧ୍ୟ ନଜର ରହିଛି। ତେଣୁ ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକରୀ ଚଞ୍ଚରାଠାରେ ଏକ ଟାୱାର ସ୍ଥାପନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

- ହଇରାଣ ହେଉଛନ୍ତି ପର୍ଯ୍ୟଟକ

# ସେଲ୍‌ଫି ନେବାକୁ ଯାଇ ଯୁବକଙ୍କ ମୃତ୍ୟୁ

**ନୂଆପଡ଼ା, ୨୯।୫(ସମିସ):** ଅଭୟାରଣ୍ୟ ଭାବରେ ହେଉକି ମାଓବାଦୀ ଉପଦ୍ରୁତ ଅଞ୍ଚଳ ଭାବେ ହେଉ ସୁନାବେଡା ଅଭୟାରଣ୍ୟ ନୂଆପଡ଼ା ଜିଲ୍ଲାର ସବୁଠାରୁ ଏକ ସ୍ପର୍ଶକାତର ଅଞ୍ଚଳ; ହେଲେ ଏଠାରେ ଦିନକୁ ଦିନ ଅବାଧ ମଦ କାରବାର ଲୋକଙ୍କ ଜୀବନ ନେଉଛି। ଚଳିତ ସପ୍ତାହକ ମଧ୍ୟରେ ମଦ ଯୋଗୁଁ ୩ଜଣ ଯୁବକଙ୍କ ଜୀବନ ଗଲାଣି। ଗତ ୨୫ତାରିଖ ଏବଂ ୨୮ତାରିଖ ମଦ୍ୟପାନ ଯୋଗୁଁ ୨ଜଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆସିଛି। ବୁଧବାର ପୁଣି ଜଣେ ମଦ୍ୟପାନ କରି ସୁନାବେଡାର ପିକ୍‌ନିକ୍ ସ୍ପଟ୍ ଗିରିବାମନ ନିକଟରେ ସେଲ୍‌ଫି ଉଠାଇବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ସୋସେଙ୍ଗ ପଞ୍ଚାୟତ କାଙ୍କେର ମଞ୍ଜିର ଧନେଶ୍ୱର ମାଝୀ (୩୦)। ସେ ମଙ୍ଗଳବାର ଏହି ପଞ୍ଚାୟତର ତାଲାବାଲା ଗାଁକୁ ଏକ ଏକୋଇଶିଆ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ସେଠାରେ ରାତ୍ରି ରହଣୀ ପରେ ବୁଧବାର ସକାଳେ ସ୍ଥାନୀୟ ଗିରବାମନକୁ ମଦ ପିଇ କିଛି ମହିଳାମାନଙ୍କ ସହ ଯାଇଥିଲେ। ସେଠାରେ ଫଟୋ ଉଠାଇବାକୁ ଚେଷ୍ଟା କରିବା ସମୟରେ ୨ଶହ ମିଟର ତଳକୁ ଖସପଡ଼ିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ଦେଖିପାରି ମହିଳାମାନେ ଗାଁ ଲୋକଙ୍କୁ ଜଣାଇଥିଲେ। ଲୋକଙ୍କ ସୂଚନାକ୍ରମେ କୋମନା ଥାନା ପୁଲିସ ଅଗ୍ନିଶମ ବିଭାଗର ସହାୟତାରେ ଗିରିବାମନରୁ ମୃତଦେହ ଉଦ୍ଧାର କରିଛି। ବୁଧବାର ସନ୍ଧ୍ୟାରେ ମୃତଦେହ କୋମନାରେ ପହଞ୍ଚିଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ। ସୂଚନା ଯୋଗ୍ୟ, ଅଭୟାରଣ୍ୟ ଭିତରେ ୩/୪ଟି ସିଆରପିଏଫ୍ କ୍ୟାମ୍ପ ରହିଛି। ଅଭୟାରଣ୍ୟ ହେତୁ ବିଭିନ୍ନ ଜାଗାରେ କଡା ଯାଞ୍ଚ କରାଯାଉଥିବା କୁହାଯାଉଛି; ହେଲେ ଏଠାରେ ନିତି ବେଆଇନ ମଦ କାରବାର ହେଉଛି। ଏହା ଫଳରେ ଏଭଳି ଘଟଣା ସବୁ ଘଟଉଛି। ବର୍ଷ ବର୍ଷ ଧରି ନାନା ବାହାନା କରି ଅବକାରୀ ଅଧିକାରୀ ସୁନାବେଡା ଅଭୟାରଣ୍ୟ ଅଞ୍ଚଳ ଗସ୍ତ କରୁ ନ ଥିବାରୁ ସେଠାରେ ଗଞ୍ଜେଇ ଏବଂ ମଦ କାରବାର ବ୍ୟାପକ ହେବାରେ ଲାଗିଛି। ଏଣୁ ହତ୍ୟାକାଣ୍ଡ ସହ ନାନାଦି ଘଟଣା ବଢ଼ି ଚାଲିଛି।

- ୨ ଶହ ଫୁଟ ତଳକୁ ଖସି ପଡ଼ିଲେ
- ଅଭୟାରଣ୍ୟରେ ମଦ ନେଲାଣି ୩ ଜୀବନ

# ପାଣି ପାଇଁ ଡହକବିକଳ ସିକେରପଡ଼ାବାସୀ

**ଗାଇଗାଁ, ୨୯।୫(ସମିସ):** କେସିଙ୍ଗା ବ୍ଲକ କୁଣ୍ଡାବନ୍ଧ ପଞ୍ଚାୟତର ସିକେରପଡ଼ା ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଗ୍ରୀଷ୍ମ ପ୍ରବାହରେ ଗ୍ରାମବାସୀ ପାନୀୟ ଜଳ ପାଇବା ପାଇଁ ଡହକବିକଳ ହେଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଆଜକୁ ଅନେକ ଦିନ ହେବ ପାଇପ ଫାଟିଥିବା ଯୋଗୁଁ ପାଣି ଆସୁନାହିଁ। ଫଳରେ ଲୋକଙ୍କୁ ପିଇବା ପାଣି ମିଳୁନାହିଁ। ସିକେର ପଡ଼ା ଗାଁରୁ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।



# ପ୍ରବଳ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ

**କେସିଙ୍ଗା, ୨୯।୫(ସମିସ):** ବିଗତ ସପ୍ତାହେ ହେଲାଣି କଳାହାଣ୍ଡି ଜିଲ୍ଲା କେସିଙ୍ଗା ଠାରେ ପ୍ରବଳ ତାତି ସାଙ୍ଗକୁ ଗୁଳୁଗୁଳି ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଗଲାଣି। ଦିନରେ ତାତି ଓ ରାତିରେ ଗୁଳୁଗୁଳି ରାସ୍ତା କଡ଼ର ଖୋଲା ଆକାଶ ତଳେ ଦୋକାନ କରି ନିଜର ଗୁଜରାଣ ମେଣ୍ଟାଉଥିବା ପନିପରିବା ବିକାଳି ହେଉ କିମ୍ବା ଠେଲା ବାଲାମାନଙ୍କର ଅବସ୍ଥା କହିଲେ ନ ସରେ। ସକାଳ ୮ଟାରୁ ସନ୍ଧ୍ୟା ସାତଟା ପର୍ଯ୍ୟନ୍ତ ଗରମ ଅନୁଭୂତ ହେଉଛି। ସତେ ଯେପରି ଅଘୋଷିତ କର୍ଫ୍ୟୁ ଜାରି ହୋଇଛି ଯାହା ଫଳରେ ରାସ୍ତାଘାଟ ଶୂନସାନ ହୋଇଯାଇଛି। ଏଠାରେ ପ୍ରକାଶ ଥାଉ କି ଗତ ମଙ୍ଗଳବାର ଅପରାହ୍ଣ ୩ ଟା ବେଳେ କେସିଙ୍ଗାରେ ତାପମାନ ୪୬ ଡିଗ୍ରୀ ରେକର୍ଡ୍ ହୋଇଥିବା ବେଳେ ବୁଧବାର ସେହି ସମୟରେ ପୁଣି ଥରେ ତାପମାତ୍ରା ୪୬ ଡିଗ୍ରୀ ଥିବା ରେକର୍ଡ଼ ହୋଇଛି। ସରକାରଙ୍କ ତରଫରୁ ବାରମ୍ବାର ଜନସାଧାରଣଙ୍କୁ ଅତି ଜରୁରୀ କାମ ନ ପଡ଼ିଲେ ବାହାରକୁ ନ ବାହାରିବା ପାଇଁ ସତର୍କ ସୂଚନା ମିଳୁଛି।



# ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ଗାଇଗାଁ, ୨୯।୫(ସମିସ):** କେସିଙ୍ଗା ବ୍ଲକ କିକିଆ ପଞ୍ଚାୟତ ସାଗର ପଡ଼ାର ୫ ନମ୍ବର ୱାର୍ଡ ରାସ୍ତା କଡରେ ଥିବା ମୁକୁଳା ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ କିକିଆ ଜନସାଧାରଣଙ୍କ ସମେତ ଗାଇ ଗୋରୁଙ୍କ ଚଳପ୍ରଚଳ ହେଉଛି। ସେହିପରି ସ୍ଥାନୀୟ ଗ୍ରାମ ଡୁମେରମୁଣ୍ଡାର ଜନସାଧାରଣ ଓ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ଚଳପ୍ରଚଳ ରହିଛି। ଉକ୍ତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ କୌଣସି ପାଚେରି ନ ଥିବାରୁ ପ୍ରତି ମୂହୂର୍ତ୍ତରେ ବିପଦ ଆଶଙ୍କା ରହିଛି।



# ଏକାଠି ମଦ ପିଇଲେ; ନିଶାରେ ମାରିଦେଲେ

**ନୂଆପଡ଼ା/କୋମନା, ୨୯।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ସୋସେଙ୍ଗ ପଞ୍ଚାୟତ ଗୋଦୁମା ନିକଟସ୍ଥ ନାଚନିଖୋଲ ପଥର ନିକଟରେ ପଡ଼ିଥିବା ମୃତଦେହ ହତ୍ୟାକାଣ୍ଡ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ୨୪ ଘଣ୍ଟା ପରେ ଶବ ଉଦ୍ଧାର ହୋଇଛି। ବୁଧବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ କୋମନା ପୁଲିସ ଶବ ହସ୍ତାନ୍ତର କରାଯାଇଛି। ଅଡାର ଗାଁର ଗୋପାଳ ପହରିଆ (୨୫) ହତ୍ୟାର ଶିକାର ହୋଇଛନ୍ତି। ସାଙ୍ଗମାନେ ମିଶି ମଦ୍ୟପାନ କରିଥିଲା। ପରେ ସେମାନଙ୍କ ଭିତରେ ଝଗଡ଼ା ଲାଗିଥିଲା। ପରେ ଏହା ହତ୍ୟାକାଣ୍ଡର ରୂପ ନେଇଥିଲା। ସେମାନେ ତାଙ୍କୁ ତାଙ୍କୁ ନିର୍ମମ ଭାବେ ହତ୍ୟା କରି ସେଠାରୁ ପଳାଇଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏହି ଘଟଣା ଘଟିଥିବା ପୁଲିସ ନିକଟକୁ ଖବର ଆସିଥିଲା। ତେବେ ମାଓବାଦୀ ପ୍ରବଣ ଅଞ୍ଚଳ ହେତୁ ରାତିରେ ପୁଲିସ ପହଞ୍ଚି ପାରି ନ ଥିଲା। ବୁଧବାର ପୂର୍ବାହ୍ନରେ ପୁଲିସ ମୃତଦେହ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତ କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

- ୨୪ ଘଣ୍ଟା ପରେ ଶବ ଉଦ୍ଧାର
- ଅଭିଯୁକ୍ତ ଫେରାର୍

# ବିଧବା ଭତ୍ତାରୁ ବଞ୍ଚିତ ପଦ୍ମିନୀ

- ୪ ବର୍ଷ ହେଲା ଆରପାରିକୁ ଗଲେଣି ସ୍ୱାମୀ
- ମୃତ୍ୟୁ ପ୍ରମାଣପତ୍ର ନ ଥିବାରୁ ସମସ୍ୟା
- ଲାଞ୍ଚ ମାଗୁଛନ୍ତି ସରକାରୀ ବାବୁ

**ସିନାପାଲି, ୨୯।୫(ସମିସ):** ସିନାପାଲି ବ୍ଲକ ଘାଟମାଲ ପଞ୍ଚାୟତ ତାଲାକୋଟ ଗାଁ ବୋରଡିପଡ଼ାର ଜଣେ ବ୍ୟକ୍ତି ୪ ବର୍ଷ ହେଲା ଆରପାରିକୁ ଗଲେଣି। ଏ ପର୍ଯ୍ୟନ୍ତ କିନ୍ତୁ ତାଙ୍କ ସ୍ତ୍ରୀ ବିଧବା ଭତ୍ତା ପାଇ ନାହାନ୍ତି। ଗାଁର କେଶବ ମାଝିଙ୍କ ସ୍ତ୍ରୀ ପଦ୍ମିନୀ ମାଝିଙ୍କ ଏହି ଦୁଃଖ। ଏଭଳିକି ଏହି ପରିବାକୁ ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ମଧ୍ୟ ପଞ୍ଚାୟତ ସରକାରୀ ସହାୟତା ଦେଇନି। ତେବେ ଭତ୍ତା କରାଇଦେବା ପାଇଁ ପଦ୍ମିନୀ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ସେମାନେ ଅନେକ ବାହାନା କରି ମୁହଁ ଫେରାଇ ନେଉଛନ୍ତି। ତାଙ୍କୁ ସରକାରୀ ବାବୁ ଲାଞ୍ଚ ମାଗୁଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ କେଶବଙ୍କ ମୃତ୍ୟୁ ପ୍ରମାଣପତ୍ର ନ ଥିବାରୁ ପଦ୍ମିନୀ ବିଧବା ଭତ୍ତା ପାଇପାରୁ ନାହାନ୍ତି। ଏହି ପ୍ରମାଣପତ୍ର କିଭଳି ଓ କେଉଁଠି ହେବ ସେ ନେଇ ଏହି ପରିବାର ସଚେତନ ନୁହଁ। ବର୍ତ୍ତମାନ ପଦ୍ମିନୀ ଚାଲିବୁଲି ପାରୁ ନାହାନ୍ତି। ବୟସ ବଢ଼ି ବଢ଼ି ଚାଲିଥିବାରୁ ବାଡି ସାହାରା ହୋଇଛି। ପୁଅ ତ୍ରିଲୋଚନ, ବୋହୂ ଧିରମନି ମାଝି ଓ ନାତି ଭୂମିଙ୍କ ସହ ସେ ରହୁଛନ୍ତି। ପୁଅ ତ୍ରିଲୋଚନ କୁଲିମଜୁରୀ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଜମିବାଡି କିଛି ନାହିଁ। ଅବଶ୍ୟ ସରକାରଙ୍କ ତରଫରୁ ଚାଉଳ ମିଳୁଥିବାରୁ ଏହା ଏହି ପରିବାର ଲାଗି କିଛି ମାତ୍ରାରେ ସହାୟକ ହେଉଛି।



# ଆମପାଣି ପ୍ୟାକ୍ସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



**କୋକସରା/ଆମପାଣି, ୨୯।୫(ସମିସ):** କୋକସରା ବ୍ଲକ ଆମପାଣି ପ୍ରାଥମିକ ସମବାୟ ସମିତି (ପ୍ୟାକ୍ସ) ନୂତନ କାର୍ଯ୍ୟାଳୟ ବୁଧବାର ଉଦଘାଟିତ ହୋଇଛି। ଏହାକୁ ସମବାୟ ସମିତିର ସଭାପତି ବିରଞ୍ଚିନାରାୟଣ ପଣ୍ଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ସମବାୟ ସମିତି ସମ୍ପାଦକ ବିକାଶ ରଞ୍ଜନ ପଣ୍ଡା, ସହ ସମ୍ପାଦକ ହେମନ୍ତ ହଂସ, ଗୋପିଚନ ନାଏକ, ପ୍ରଦୀପ ସାହୁ, ହରିଶ୍ଚନ୍ଦ୍ର ନାଏକ, ମନୋଜ ଦାସ, ପ୍ରସନ୍ନ ବାରିକ, ପଞ୍ଚାନନ ବେଶ୍ରା, ଜମୁନା ମାଝୀ, ସୋନୁ ଅଗ୍ରୱାଲ, ଭିକାରୀ ଚରଣ ମାଝୀ, ନିତ୍ୟାନନ୍ଦ ମାଝୀ, ଫକୀର ମୋହନ ପୁଝାରୀ, ଏକାମ୍ର ନାଏକ, ଟିକିଚନ୍ଦ୍ର ଧ.ମାଝୀଙ୍କ ସମେତ ପ୍ୟାକ୍ସ କର୍ମଚାରୀ ଓ ସଦସ୍ୟ ଉପସ୍ଥିତ ରହିଥିଲେ।

# ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି

**କେସିଙ୍ଗା, ୨୯।୫(ସମିସ)**

ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ବେଳେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ପାନୀୟ ଜଳର ଆବଶ୍ୟକତା ମଧ୍ୟ ବଢ଼ିବାରେ ଲାଗିଛି। ସରକାରୀସ୍ତରରେ ସହରର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ସମସ୍ତ ଯୋଜନା କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ସ୍ଥାଣୁତା ଯୋଗୁ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ବର୍ଷ ବର୍ଷ ଧରି କେସିଙ୍ଗା ପାଡ଼ୀ କଲୋନୀ ୯ ନମ୍ବର ୱାର୍ଡରେ ସ୍ଥାନେ ସ୍ଥାନେ ପାଇପ ଫାଟି ହଜାର ହଜାର ଲିଟର ପାଣି ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଫଳରେ କୃତ୍ରିମ ବନ୍ଧର ଭ୍ରମ ସୃଷ୍ଟି କରିଛି। ଏପରିକି ରାସ୍ତାରେ ପାଣି ବୋହୁଥିବାରୁ ଜନ ସାଧାରଣଙ୍କୁ ଯିବା ଆସିବାରେ ଅସୁବିଧା ହେଉଛି। ପାଇପ ଫାଟିବା ଯୋଗୁଁ ଅଯଥା ପାଣି ନଷ୍ଟ ହେଉଥିବା ବେଳେ ଲୋକଙ୍କ ପାଖରେ ଆବଶ୍ୟକ ପାଣି ପହଞ୍ଚି ପାରୁନାହିଁ। ଜନସ୍ୱାସ୍ଥ୍ୟ ବିଭାଗ କେତେବେଳେ କେମିତି ରାସ୍ତା ପାର୍ଶ୍ୱ ପାଇପ ମରାମତି କରି ନିଜ ଦାୟିତ୍ୱ ସାରି ଦେଉଛି। ସହରରେ ୧୨ ଟି ୱାର୍ଡରେ ପ୍ରତିଦିନ ବହୁ ପରିମାଣରେ ପାଣି ନଷ୍ଟ ହେଉଛି। ଯେଉଁ ସ୍ଥାନରେ ପାଇପ ଫାଟିଛି ତା'ର ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



- ଚେଇଁ ଶୋଇଛି ଜନସ୍ୱାସ୍ଥ୍ୟ ବିଭାଗ
- ଘରୋଇ କାର୍ଯ୍ୟରେ ବ୍ୟସ୍ତ କର୍ମଚାରୀ



# ତାଣ୍ଡବ ରଚିଲା କାଳବୈଶାଖୀ

## ବହୁସ୍ଥାନରେ ଗଛପଡ଼ି ଭାଙ୍ଗିଲା ଘର







**ବୌଦ୍ଧ, ୨୯ ।୫(ସମିସ)**

ବୌଦ୍ଧ ସହରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ରାତିରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡରେ ବଡ଼ ବଡ଼ ଗଛ ଭାଙ୍ଗି ଉପୁଡ଼ି ପଡ଼ିଛି। ଏଠିଯୋଗୁଁ ଅନେକ ସ୍ଥାନରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହାଛଡା କାଳବୈଶାଖୀ ଯୋଗୁଁ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଛି। ଏଣୁ ରାତିରୁ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସେବା ବ୍ୟାହତ ରହିଥିଲା। ସହରର ପିଡବ୍ଲୁଡି କଲୋନୀରେ ଏକ ବିଶାଳ ଗଛ ଭାଙ୍ଗି ପଡ଼ିଛି। ଏଥିଯୋଗୁଁ ୨ଟି ପରିବାର ଦୀର୍ଘ ସମୟ ଧରି ଘରେ ଫସି ରହିଥଲେ। ଅଗ୍ନିଶମ ବାହିନୀ



ଗଛକାଟି ସେମାନଙ୍କୁ ଉଦ୍ଧାର କରିଥିଲେ। ବୌଦ୍ଧ ସହରର ଉପଜିଲ୍ଲାପାଳଙ୍କ ବାସଭବନ ନିକଟ, ମାଷ୍ଟରଲାଇନ, ଯୋଗୀନ୍ଦ୍ରଦେବ ପାର୍କ, ଇରିଗେସନ କଲୋନୀ, ରେଭିନ୍ୟୁ କଲୋନୀ, ବାଏପାସ ରାସ୍ତା ଭଳି ଅନେକ ସ୍ଥାନରେ ଝଡ଼ରେ ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ଅନେକ ସ୍ଥାନରେ ବିଦ୍ୟୁତ୍ ସେବା ବନ୍ଦ ରହିଥିବାରୁ ଲୋକେ ଅସହ୍ୟ ଗରମ ଗୁଳୁଗୁଳିରେ ରାତିରେ ଶୋଇପାରି ନ ଥିଲେ। ଛୋଟପିଲା ମଧ୍ୟ ଗରମରେ ସନ୍ତୁଳି ହୋଇଥିଲେ। ଅଗ୍ନିଶମ ବାହିନୀ ଓ ବିଦ୍ୟୁତ କର୍ମଚାରୀ ଗଛ କାଟି ରାସ୍ତା ସଫା କରିଛନ୍ତି। ବିଦ୍ୟୁତ୍ କର୍ମଚାରୀ ରାତିସାରା କାମ କରିଥିଲେ। ସେହିପରି କାଳବୈଶାଖୀ ପବନରେ ବୌଦ୍ଧ ଏଫସିଆଇ ଗୋଦାମ ନିକଟରେ ଥିବା କନିଷ୍ଠ ରାଜହଂସଙ୍କ ଘରର ଆଜବେସଷ୍ଟସ୍ ଭାଙ୍ଗି ଯାଇଛି। ପରିବାରର ୪ ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିଲେ। ପବନ ସହ ବର୍ଷା ଯୋଗୁଁ ଘରେ ଥିବା ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଯାଇଛି।



# ପବନ ଉଡ଼େଇନେଲା କୁକୁଡ଼ାଫାର୍ମ

- **ଶତାଧିକ କୁକୁଡ଼ା ମୃତ; ଅନେକ ନିଖୋଜ**
- **ଜଗନ୍ନାଥ ସଡ଼କରେ ପଡ଼ିଲା ଗଛ**

**ହରଭଙ୍ଗା, ୨୯ ।୫(ସମିସ):** ହରଭଙ୍ଗା ବ୍ଲକ ଅଞ୍ଚଳରେ ମଧ୍ୟ କାଳ ବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। କେତେକ ସ୍ଥାନରେ ଘରର ଚାଳ ଛପର ଉଡାଇ ନେଇଛି। ପ୍ରବଳ ଝଡ଼ ତୋଫାନ ପାଇଁ ରାତିସାରା ବିଦ୍ୟୁତ୍ ସରବରାହ ବିଚ୍ଛିନ ହୋଇଥିଲା। ହରଭଙ୍ଗାରୁ ଆଠମଲ୍ଲିକ ସେତୁ ନିକଟବର୍ତ୍ତୀ ପର୍ଯ୍ୟନ୍ତ ଜଗନ୍ନାଥ ସଡ଼କରେ ଗଛ ଭାଙ୍ଗି ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ରାତିରେ ପ୍ରାୟ ୧୦ କିଲୋମିଟର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପଡ଼ିଥିବା ଗଛ କାଟି ରାସ୍ତା ସଫା କରିଥିଲେ। ତେବେ ହରଭଙ୍ଗା ପଞ୍ଚାୟତର ଡିଆଁଘାଟରେ କାଳ ବୈଶାଖୀ ପ୍ରଭାବରେ ଏକ ୨ ହଜାର କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ଫାର୍ମ ସମ୍ପୂର୍ଣ୍ଣ ଉଡାଇ ନେଇଛି। ଗାଁର ମାଁ ଗ୍ରାମପତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବ୍ଲକ ପ୍ରାଣୀ ସମ୍ପଦ ବିକାଶ ସହଯୋଗରେ ୭ଲକ୍ଷ ୨୦ହଜାର ଟଙ୍କା ଅଟକଳ ବ୍ୟୟରେ ୨ହଜାର କୁକୁଡ଼ା ଚିଆଁଙ୍କୁ ନେଇ ଚାଷ କରିଥିଲା। ଝଡ଼ ତୋଫାନରେ ସମ୍ପୂର୍ଣ୍ଣ ଭାବେ ଫାର୍ମଟି ନଷ୍ଟ ହୋଇଯାଇଛି। ୧୦୦ରୁ ଅଧିକ କୁକୁଡ଼ା ଚିଆଁଙ୍କ ମୃତ୍ୟୁ ଘଟିଛି। ଅନେକ କୁକୁଡ଼ାଙ୍କ ପବନରେ ନିଖୋଜ ହୋଇଯାଇଛନ୍ତି। ଖବର ପାଇ ବ୍ଲକ ପ୍ରାଣୀ ସମ୍ପଦ ବିଭାଗ ଓ ରାଜସ୍ୱ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି କ୍ଷୟ କ୍ଷତି ଆକଳନ କରିଛନ୍ତି।



# ମହାନଦୀ ପାଲଟିଲା ଯୋର

## ଯୁଆଡେ ଅନେଇଲେ ବାଲି ଆଉ ବାଲି / କେବଳ ଦୁଇପଟେ ଦୁଇଟି ଧାର ବହୁଛି

**ସୋନପୁର, ୨୯ ।୫(ସମିସ):** ସୋନପୁରରେ କିଛି ଦିନ ହେଲା ଏଭଳି ଗରମ ହେଉଛି ଯେ ସହିବା କଷ୍ଟକର ହୋଇ ପଡୁଛି। ତାପମାତ୍ରା ୪୫ ଡିଗ୍ରୀ ଟପି ଗଲାଣି। ତେବେ ମହାନଦୀର ଶୁଖିଲା ଅବସ୍ଥା ଆହୁରି ପୀଡା ଦାୟକ ସାଜିଛି। ଯେଉଁ ଆଡେ ଆଖି ପକାଇଲେ ବାଲି ଦିଶୁଛି। ବାଲିରେ ପୋତି ହୋଇ ଯାଇଛି ନଦୀ ଶଯ୍ୟା। ପୂର୍ବରୁ ଲୋକେ ଗାଧୋଉଥିବା ସ୍ଥାନରେ ଆଉ ପାଣି ନାହିଁ। ସ୍ରୋତ ଶୁଖି





ମହାନଦୀର ବିଭିନ୍ନ ଘାଟରେ ବାଲି ପୋତି ହୋଇ ଗଲାଣି। ସୋନପୁର ବାସିନ୍ଦା ଘନଶ୍ୟାମ କହିଛନ୍ତି ମହାନଦୀକୁ ଗାଧୋଇବାକୁ ଗଲେ କେବେ ବାଲିରେ ଚାଲିବାକୁ ପଡୁ ନ ଥିଲା। ଚଳିତ ବର୍ଷ ନଦୀରେ ଗାଧୋଇବା କଷ୍ଟକର ହୋଇ ଯାଉଛି। ମହାନଦୀରେ ପାଣି କମି ଚାଲିଛି। କଲେଜ ଘାଟ, ସ୍ପିନିଂ ମିଲ୍ ଆଦି ବିଭିନ୍ନ ଘାଟରେ ସ୍ରୋତ ଶୁଖି ଗଲାଣି। ହିକୁଡି ପଟରେ ବି ଆଉ ପାଣି ନାହିଁ। ଏବେ ମହାନଦୀର ଉଭୟ ପାର୍ଶ୍ୱର ସୋନପୁର ଏବଂ ହିକୁଡି ପଟରେ କେବଳ ଦୁଇଟି ଛୋଟ ଧାର ବୋହୁଛି। ପାଣି ବିନା ଓଡ଼ିଶାର ବୃହତ୍ତମ ନଦୀ ମହାନଦୀ ଆଉ ନଦୀ ଭଳି ଦେଖା ଯାଉନାହିଁ। ନଦୀର ଉଭୟ ପାର୍ଶ୍ୱର ଦୁଇଟି ଧାରକୁ ଦେଖିଲେ ଦୁଇଟି ଜୋର ଭଳି ଲାଗୁଛି। ସୋନପୁରର ମତ୍ସ୍ୟଜୀବୀ ଶିବ ନାଏକ କହିଛନ୍ତି ଯେଉଁ ସ୍ରୋତରେ ଦିନେ ବିନା ସମସ୍ୟାରେ ଡଙ୍ଗା ନେବା ଆଣିବା କରି ହେଉଥିଲା। ଏ ବର୍ଷ ସେହିଠାରେ ପାଣି ଅଭାବରୁ ଡଙ୍ଗା ମଧ୍ୟ ଯିବା ସମ୍ଭବ ନୁହେଁ। ମହାନଦୀର ଜଳ ସମସ୍ୟା ନେଇ ଚିନ୍ତା ପ୍ରକଟ କରିଛନ୍ତି ବୁଦ୍ଧିଜୀବୀ। ପିଲାବେଳୁ ଦେଖି ଆସୁଥିବା ମହାନଦୀର ଏଭଳି ଅବସ୍ଥା କେବେ ହୋଇ ନ ଥିଲା। ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀରେ ଶତାଧିକ ପ୍ରକଳ୍ପ ନିର୍ମାଣ ଦ୍ୱାରା କାଳକ୍ରମେ ନଦୀ ଶୁଖି ଯାଉଛି ବୋଲି ସଚେତନତ ନାଗରିକ ମଞ୍ଚ ସଭାପତି ସୀତାଂଶୁ ଶେଖର ମିଶ୍ର କହିଛନ୍ତି। ଛୋଟ ଛୋଟ ଆନିକଟ ନିର୍ମାଣ କରି ମହାନଦୀକୁ ବଞ୍ଚାଇବା ପାଇଁ ସେ ଦାବି କରିଛନ୍ତି।

# ବିଦାୟକାଳୀନ ସମ୍ବର୍ଦ୍ଧନା



**ଶଗଡ଼ା, ୨୯ ।୫(ସମିସ):** କଣ୍ଟାମାଳ ବ୍ଲକ ଶିମିଳି ପଦର ସେବା ସମବାୟ ସମିତିର ଚତୁର୍ଥ ଶ୍ରେଣୀ କର୍ମଚାରୀ କାହ୍ନୁଚରଣ କ୍ଷେତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପେକ୍ସ ସମ୍ପାଦକ ଅମ୍ବରୀଶ ବାଘ, ସଭାପତି ସୁମନ୍ତ ମିଶ୍ର, ସହାୟକ ଭାଗ୍ୟଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ କ୍ଷେତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘାୟୁ ଜୀବନ କାମନା କରାଯାଇଥିଲା।

# ନିର୍ମାଣ ଦିନଠୁଁ ଗୋଷ୍ଠୀ ଶୌଚାଳୟରେ ତାଲା

**ଜହ୍ନାପଙ୍କ, ୨୯ ।୫(ସମିସ):** ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଓଲଣ୍ଡା ଗ୍ରାମକୁ ବାହ୍ୟ ମଳମୁକ୍ତ କରିବା ପାଇଁ ଓଲଣ୍ଡା ଅଙ୍ଗନବାଡି ନିକଟରେ ୨୦୨୧-୨୨ ମସିହାରେ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ଏଠାରେ ପୁରୁଷ, ମହିଳା ଓ ଦିବ୍ୟାଙ୍ଗଙ୍କ ଶୌଚ ପାଇଁ ବ୍ୟବସ୍ଥା ରହିଛି; ହେଲେ ଜଳ ଯୋଗାଣ ବ୍ୟବସ୍ଥା ହୋଇ ନ ଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇ ନ ପାରି ନିର୍ମାଣ ଦିନଠୁଁ ଏଠାରେ ତାଲା ପଡ଼ିଛି। ଏହା ଫଳରେ ୨ ବର୍ଷ ହେଲା ଏହା ଲୋକଙ୍କ କାମରେ ଲାଗୁ ନାହିଁ। ଏଣୁ ପୂର୍ବପରି ଲୋକେ ଖୋଲାରେ ମଳତ୍ୟାଗ କରୁଛନ୍ତି। ତେଣୁ ୩ ଲକ୍ଷ ଟଙ୍କା ପାଣିରେ ପଡ଼ିଲା ବୋଲି ଲୋକେ ଅଭିଯୋଗ କରୁଛନ୍ତି।



# ରବି ଧାନ କ୍ରୟର ଶୁଭାରମ୍ଭ



**ଶଗଡ଼ା, ୨୯ ।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲସା ଗୋରା ମାର୍କେଟୟାର୍ଡରେ ରବି ଧାନ କ୍ରୟର ଶୁଭାରମ୍ଭ ହୋଇଛି। ଲୋକାପଡ଼ା ପ୍ୟାକ୍ସ ଓ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ପେକ୍ସ ସଭାପତି ପିତାମ୍ବର ସାହୁ ପୂଜାର୍ଚ୍ଚନା ସହ ମଣ୍ଡିର ଶୁଭାରମ୍ଭ କରିଥିଲେ। ପେକ୍ସ ସମ୍ପାଦକ ନିର୍ମଳ ବିଶ୍ୱାଳଙ୍କ ଦ୍ୱାରା ପରିଚାଳିତ ଧାନମଣ୍ଡି ଉଦ୍‌ଘାଟନ ସଭାରେ ଶିମିଳି ପଦର ସରପଞ୍ଚ ସାର୍ଦ୍ଦୁଳ ନାଗ, ଚାଷୀ ସୁଶୀଲ ପ୍ରହରାଜ, ରବୀନ୍ଦ୍ର ପ୍ରଧାନ, ନିୟନ୍ତ୍ରିତ ବଜାର କମିଟି ପ୍ରତିନିଧି, ମିଲର୍ ପ୍ରତିନିଧିଙ୍କ ସହ ପେକ୍ସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅନିଶ୍ଚିତତାରେ ମହତ୍ୱାକାଂକ୍ଷୀ ନନ୍ଦନବନ ପ୍ରକଳ୍ପ

**ବୌଦ୍ଧ, ୨୯ ।୫(ସମିସ):** ଅମ୍ଳଜାନ ପର୍ଯ୍ୟଟନ ମନ୍ତ୍ରରେ ପରିବେଶ ପର୍ଯ୍ୟଟନର ବିକାଶ ପାଇଁ ବୌଦ୍ଧ ଜିଲ୍ଲାରେ ପରିବେଶ ପାର୍କ ନନ୍ଦନବନ ପ୍ରକଳ୍ପ ପରିକଳ୍ପନା କରାଯାଇଛି। ଏଥି ପାଇଁ ବିସ୍ତୃତ ପ୍ରକଳ୍ପ ବିବରଣୀ ବା ଡିପିଆର ମଧ୍ୟ ପ୍ରସ୍ତୁତ କରାଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅନୁଦାନରେ ୨୦୨୨ରେ କାଯମ ଆରମ୍ଭ ହୋଇଥିଲା; ହେଲେ ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟରେ ରହିଛି।

ବୌଦ୍ଧ ଜିଲ୍ଲାରେ ପର୍ଯ୍ୟଟନ ବିଭବ ଭରପୁର ରହିଛି। ଜିଲ୍ଲାକୁ ଘଞ୍ଚ ଅରଣ୍ୟ, ସୁଉଚ୍ଚ ପର୍ବତ, ମୁଣ୍ଡିଆ, ସ୍ରୋତସ୍ୱିନୀ ସୁନ୍ଦର ନଦୀ, ଝରଣାରେ ସଜାଇ ଦେଇଛି ପ୍ରକୃତି ରାଣୀ। ପ୍ରଦୂଷଣ ବିହୀନ ସ୍ୱଚ୍ଛ ପରିବେଶ ସାଙ୍ଗକୁ ପ୍ରାକୃତିକ ସବୁଜିମା ବୌଦ୍ଧ ଜିଲ୍ଲକୁ ପ୍ରକୃତିର ବରଦାନ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ପର୍ଯ୍ୟଟନ ବିଭବର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଜନାବଦ୍ଧ ଉଦ୍ୟମ ଆରମ୍ଭ କରାଯାଇଥିଲା। ଜିଲ୍ଲାର ହରଭଙ୍ଗା ବ୍ଲକର ବୀରନରସିଂପୁର ପଞ୍ଚାୟତରେ ଥିବା ପ୍ରାକୃତିକ ପରିବେଶପୂର୍ଣ୍ଣ ସ୍ଥଳକୁ ନେଇ ଅକ୍ସି ଟୁରିଜିମ୍ ବା ଅମ୍ଳଜାନ ପର୍ଯ୍ୟଟନ ପ୍ରକଳ୍ପର ପରିକଳ୍ପନା କରାଯାଇ ଏଭଳି ଏକ ଉଚ୍ଚାଭିଳାସୀ ଯୋଜନା ହାତକୁ ନିଆଯାଇଥିଲା। ଏଥିପାଇଁ ପ୍ରସ୍ତୁତ ଯୋଜନା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଥିଲା। ସ୍ୱଚ୍ଛ, ଶାନ୍ତ ଓ ନିର୍ମଳ ପରିବେଶରେ ପ୍ରାକୃତିକ ଶୋଭାରାଶିକୁ ପର୍ଯ୍ୟଟକ ଯେପରି ଭରପୂର ଉପଭୋଗ କରିପାରିବେ ସେଥିପାଇଁ ଚିଠା ପ୍ରସ୍ତୁତ କରାଯାଇଥିଲା। ଭୌଗୋଳିକ ଦୃଷ୍ଟିରୁ



ଜିଲ୍ଲାର ୪୦ ପ୍ରତିଶତ ଅଞ୍ଚଳ ଜଙ୍ଗଲ ଏବଂ ଏହା ଏକ ଶିଳ୍ପବିହୀନ ଜିଲ୍ଲା ହୋଇଥିବାରୁ ଏଠାରେ ପ୍ରଦୂଷଣର ମାତ୍ରା ନଗଣ୍ୟ। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପାଇଁ 'ସ୍ୱଚ୍ଛ ଅମ୍ଳଜାନ ପାଇଁ ବୌଦ୍ଧ ଆସନ୍ତୁ' ପ୍ରଚାର ଅଭିଯାନ ଆରମ୍ଭ ହୋଇଥିଲା। ଏହି ଯୋଜନା ଅନୁଯାୟୀ ୧୫୦୭ ଏକର ଜଙ୍ଗଲ ଜମିରେ ରାଜ୍ୟର ସର୍ବପ୍ରଥମ ପରିବେଶ ପାର୍କ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲାର ହରଭଙ୍ଗା ବ୍ଲକ ବୀରନରସିଂହପୁର ପଞ୍ଚାୟତର ପାଞ୍ଚଟି ଗାଁକୁ ଲାଗି ରହିଥିବା ଜଙ୍ଗଲ ଜମିରେ ପ୍ରତିଷ୍ଠିତ ହେବାକୁ ଥିବା ପରିବେଶ ପାର୍କ ନନ୍ଦନବନର ମନୋରମ ସବୁଜିମାମୟ ପରିବେଶରେ ପର୍ଯ୍ୟଟକଙ୍କ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ଆମୋଦ ପ୍ରମୋଦ, ପର୍ଯ୍ୟଟକ ବନ୍ୟ ପ୍ରାଣୀଙ୍କୁ ଦେଖିବା, ଏହି ପର୍ଯ୍ୟଟନ ପ୍ରକଳ୍ପରେ ଟ୍ରାକିଂ, ସାଇକେଲିଂ, ବୋଟିଂ, କ୍ୟାମ୍ପିଂ ଓ ପାହାଡ ଚଢାର ସୁଯୋଗ ପର୍ଯ୍ୟଟକଙ୍କୁ ଦେବା ପାଇଁ ଡିପିଆରରେ ବ୍ୟବସ୍ଥା ରହିଥିଲା। ଏଥିସହିତ ଏଠାରେ ଇକୋ ଭିଲେଜ ନିର୍ମାଣ କରାଯାଇ ମାଟି, ବାଉଁଶ ଓ ନଡ଼ାରେ ତିଆରି କୁଟୀର, ମାଟି ରାସ୍ତା ନିର୍ମାଣ କରାଯାଇ ପର୍ଯ୍ୟଟକଙ୍କ ପାଇଁ ଇକୋ ରିଟ୍ରିଟ୍ର ସୁବିଧା ଉପଲବ୍ଧ କରାଯାଇ ରାସ୍ତା, ବିଦ୍ୟୁତ, ପାନୀୟ ଜଳର ବ୍ୟବସ୍ଥା ସାଙ୍ଗକୁ ବଣଭୋଜି କରିବା ପାଇଁ ମଣ୍ଡପ ନିର୍ମାଣ, ପାହାଡ଼ି ଝରଣାଗୁଡିକର ପରିବେଶକୁ ଅଧିକ ଆକର୍ଷଣୀୟ କରିଯିବା ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ଆନୁଷଙ୍ଗୀକ ସୁବିଧା ସୁଯୋଗ ସୃଷ୍ଟି କରାଯିବାର ଯୋଜନା ପ୍ରସ୍ତୁତ ହୋଇଥିଲା। ସେହିପରି ଏଠାରେ ପକ୍ଷୀ ପାର୍କ, ବଟରଫ୍ଲାଏ ଉଦ୍ୟାନ, ଯୋଗ ଉଦ୍ୟାନ, ଶିଶୁ ଉଦ୍ୟାନ, ଫୁଡ କୋର୍ଟ, ହାଇକିଂ ଟ୍ରାକ, ଲାଣ୍ଡସ୍କେପିଂ ପ୍ରଭୃତି ସୃଷ୍ଟି କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ପର୍ଯ୍ୟଟନ ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଅଧିବାସୀଙ୍କ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି କୁହାଯାଉଥିଲା। ପ୍ରାରମ୍ଭିକ ଭାବେ ପ୍ରାୟ ୧୯ କୋଟି ଟଙ୍କାର ପ୍ରସ୍ତାବିତ ଏହି ପ୍ରକଳ୍ପ ପାଇଁ ୪ କୋଟି ଟଙ୍କା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମଞ୍ଜୁର କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨ କୋଟି ଟଙ୍କା ଅନୁଦାନ ଦେଇଥିଲା। ସେଥିମଧ୍ୟରୁ ୭୫ ଲକ୍ଷ ଟଙ୍କାର ବିନିଯୋଗ ପ୍ରମାଣପାତ୍ର ଜିଲ୍ଲା ପ୍ରଶାସନ ତରଫରୁ ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ଏକ ବର୍ଷ ହେବ ନିର୍ମାଣ କାଯ'କ୍ ବନ୍ଦ ରହିଛି। ଏହି ଉଚ୍ଚାଭିଳାସୀ ପ୍ରକଳ୍ପ ଯୋଗୁଁ ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ବୌଦ୍ଧ ଜିଲ୍ଲା ଏକ ପ୍ରମୁଖ ସ୍ଥାନ ଅଧିକାର କରିବ ବୋଲି ଆଶା କରାଯାଉଥିଲା; ହେଲେ ପ୍ରଶାସକର ଇଚ୍ଛାଶକ୍ତି ଓ ଉଦ୍ୟମ ଅଭାବରୁ ଏହି ନିଆରା ପରିକଳ୍ପନା ବାସ୍ତବ ରୂପ ନେଇ ପାରିବ ବୋଲି ଆଶଙ୍କା ଦେଖା ଦେଇଛି।




# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

- **ହତ୍ୟା ଅଭିଯୋଗ ଆଣିଲେ ପରିବାର**

**ଶଗଡ଼ା, ୨୯ ।୫(ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ାଥାନା ଗିଧାମାଲ ଗ୍ରାମରେ ଜଣେ ବିବାହିତ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହି ମହିଳା ଜଣକ ହେଲେ କଳାହାଣ୍ଡି ଜିଲ୍ଲା ଏମ୍ ରାମପୁର ଥାନା ଖରଜୁରା ଗ୍ରାମର ଧନେଶ୍ୱରୀ ମାଝୀ (୨୧)।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଗିଧାମାଲ୍ ଗ୍ରାମର କେଶରାଜ୍ ମାଝିଙ୍କୁ ୨୦୨୩ ଜାନୁଆରୀ ୧୦ରେ ସେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଧନେଶ୍ୱରୀଙ୍କୁ ଯୌତୁକ ବାବଦରେ ୧ ଲକ୍ଷ ଟଙ୍କା ଓ ୧ ଭରି ସୁନା ଗହଣା ଆଣିବାକୁ ବାଧ କରୁଥିବା ଝିଅର ବାପା ଅଭିଯୋଗ କରିଛନ୍ତି। ଯୌତୁକ ପାଇଁ ପାରିବାରିକ କଳହ ଲାଗି ରହିଥଲା। ଏଣୁ ଧନେଶ୍ୱରୀ କିଛି ଦିନ ବାପ ଘରେ ରହି ଆସୁଥିଲେ; ହେଲେ ୨ମାସ ହେବ ଗିଧାମାଳ ଗ୍ରାମକୁ ଆସିଥିଲେ। ମଙ୍ଗଳବାର ରାତିରେ ବାପ ଘର ସହ ସେ କଥା ହୋଇଥିଲେ; ହେଲେ ବୁଧବାର ମୃତ୍ୟୁ ଘଟିଥିବା ବାପ ଘରକୁ ଫୋନ୍ ଯାଇଥିଲା। ଫୋନ୍ ପାଇବା ପରେ ବାପା ନିଜ ସମ୍ପର୍କୀୟଙ୍କ ସହ ଗିଧାମାଲ୍ ଗ୍ରାମରେ ପହଞ୍ଚିଥିଲେ। ଝିଅର ନାକ ଓ ମୁହଁରୁ ଫେଣ ବାହାରୁଥିଲା। ଯୌତୁକ ପାଇଁ ତାକୁ ତଣ୍ଟି ଚିପି ହତ୍ୟା କରିଥିବା ବାପା ଅଭିଯୋଗ କରିଛନ୍ତି। ଏ ନେଇ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଘଣ୍ଟାପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୁଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି।

## 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ମାଟ୍ରିକ୍ ଉତ୍କର୍ଷ ସମ୍ମାନ

# 'ଜ୍ଞାନ ଅପରିସୀମ, ଅମାପକ'

**ସମ୍ବଲପୁର, ୨୯ ।୫(ସମିସ)**

ଜ୍ଞାନ ଅପରିସୀମ, ଅମାପକ ଯାହାର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ମାପି ହୁଏ ନାହିଁ। ଶିକ୍ଷା ଗ୍ରହଣ କରିବାର ସୀମା ନଥାଏ। ଜୀବନରେ ବିଫଳତା ମିଳେ ହେଲେ ଲକ୍ଷ୍ୟ ହାସଲ କରିବାକୁ ସଂଘର୍ଷ କଲେ ସଫଳତା ଶୀର୍ଷରେ ପହଞ୍ଚି ହେବ। ସମାଜରେ ଶିକ୍ଷିତଙ୍କ ଅଭାବ ନାହିଁ ହେଲେ ଭଲ ମଣିଷଙ୍କ ଅଭାବ ଦେଖାଦେଉଛି। ଯେତେ ଆଗକୁ ଗଲେ ଯେଉଁ ପଦବୀରେ ରହିଲେ ଭଲ ମଣିଷ ହେବାକୁ ଚେଷ୍ଟା କରିବ। ଦୃଢ଼ ଆତ୍ମ ବିଶ୍ୱାସ ସଫଳତା ଦେଇଥାଏ। ଶିକ୍ଷା ଶେଷ ହେବା ପରେ ବିଭିନ୍ନ କ୍ଷେତ୍ରରେ କାମ କରିବ। କର୍ମ କ୍ଷେତ୍ରରେ ନିଜର ପାରିଦର୍ଶିତା ଦେଖାଇବ। ସମାଜ ସୁଧାରକ ଭାବେ ଦାୟିତ୍ୱ ନେବ ବୋଲି ଦୈନିକ ଖବରକାଗଜ 'ସକାଳ' ଓ 'ନନ୍ଦିଘୋଷ' ଟିଭି ପକ୍ଷରୁ ଆୟୋଜିତ ମାଟ୍ରିକ୍ ଉତ୍କର୍ଷ ସମ୍ମାନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଗଙ୍ଗାଧର ମେହେର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ରୀବନ୍ତ ଦାଶ ଓ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

ଆଜି ପୂର୍ବାହ୍ନରେ ସମ୍ବଲପୁର ଅଇଁଠାପାଲି ସ୍ଥିତ ଡଲଫିନ ହୋଟେଲରେ ମାଟ୍ରିକ୍ ଉତ୍କର୍ଷ ସମ୍ମାନ ଆୟୋଜିତ ହୋଇଯାଇଛି। ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ମାର୍କ ରଖି କୃତିତ୍ୱ ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ଦୀର୍ଘ ୪ ବର୍ଷ ହେଲା ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଚଳିତବର୍ଷ ମଧ୍ୟ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା, ବୌଦ୍ଧ, ଦେବଗଡ଼, ବଲାଙ୍ଗିର, ସୋନପୁର, କଳାହାଣ୍ଡି ଜିଲ୍ଲା ଓ ସୁନ୍ଦରଗଡ଼-ରାଉରକେଲାର ସମସ୍ତ ଜିଲ୍ଲା ଟପ୍ପର ଓ ବ୍ଲକ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁର ଜୋନର ଶାଖା ପରିଚାଳକ ନରୋତ୍ତମ ଗୁରୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ



ଅତିଥି ଭାବରେ ସମ୍ବଲପୁର ମହାନଗର ନିଗମର କମିଶନର ବେଦଭୂଷଣ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଗଙ୍ଗାଧର ମେହେର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ରୀବନ୍ତ ଦାସ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ମା ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ନିଜର ବକ୍ତବ୍ୟ ରଖି ଜୀବନର ମୂଳ ଉଦ୍ଦେଶ୍ୟ କେମିତି ହେବା କଥା ତାହା ବୁଝାଇଥିଲେ। ସେହିଭଳି ସଫଳତା କ୍ଷଣସ୍ଥାୟୀ ନହେଉ ବୋଲି ଉପଦେଶ ଦେଇଥିଲେ। ସଫଳତା ପାଇବା ପରେ ସେହି ସଫଳତାକୁ ଆଗକୁ ବଜାୟ ରଖିବା ଆହୁରି କଷ୍ଟକର। ତେଣୁକରି ଯାହା ସ୍ୱପ୍ନ ଦେଖୁଛନ୍ତି ତାହା ପୂରଣ କରିବାକୁ ହେଲେ ଆହୁରି ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। କାହାର ଚାପରେ ନ ପଡ଼ି ନିଜର ମନ ଯାହା ଚାହୁଁଛି ତଦନୁଯାୟୀ କ୍ୟାରିୟର ବାଛିବା ସହିତ ଜୀବନରେ ଏକ ଭଲ ମଣିଷ ହେବାକୁ ବୈଦିକ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଆନନ୍ଦ ଅଗ୍ରୱାଲ, ଏମ୍ସ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର, ନିଉଟନ ହାଇଅର ସେକେଣ୍ଡାରୀ ସ୍କୁଲର ନିର୍ଦ୍ଦେଶକ ଡ. ତେଜରାଜ ପାତ୍ର, ପିନାକଲ ହାଇଅର ସେକେଣ୍ଡାରୀ ସ୍କୁଲ ଓ ପିନାକଲ କ୍ଲାସେସ ନିର୍ଦ୍ଦେଶକ ଇଂ. ମନୋରଞ୍ଜନ ମିଶ୍ର, ବିକାଶ ହାଇଅର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ନାରାୟଣ ରଥ ତାଙ୍କର ବକ୍ତବ୍ୟରେ କହିଥିଲେ। ସମ୍ମାନୀତ ଅତିଥି ଡ. ଦାସ ଗ୍ରହଣ କରିଥିବା ଶିକ୍ଷାକୁ ବିନିଯୋଗ କରି ଭଲ ମଣିଷ ହେବାକୁ ଏବଂ ସୁସ୍ଥ ସମାଜ ଗଠନ କରିବାକୁ ଉପଦେଶ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ବେଦଭୂଷଣ କୃତି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଛାତ୍ରଛାତ୍ରୀଙ୍କୁ ସେ ନିଜର ଛାତ୍ର ଜୀବନର ଅନୁଭୂତି ବଖାଣିଥିଲେ। ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ପ୍ରଶାସନିକ ସେବା କ୍ଷେତ୍ରରେ କ୍ୟାରିଅର ଗଠନ କରିବାକୁ ହେଲେ କିଭଳି ପାଠ ପଢ଼ିବାକୁ ହେବ ତାହା କହିଥିଲେ। ଯେ କୌଣସି ପ୍ରଚେଷ୍ଟା କରିବା ଆଗରୁ ନିଜକୁ ଏଭଳି ଭାବରେ ପ୍ରସ୍ତୁତ କର ଯେ, ସଫଳତା ପାଇଁ ଦୃଢ ନିଶ୍ଚିତ ହେବ ବୋଲି କହିଥିଲେ। ସେହିଭଳି ଦୈନିକ ସକାଳ ଓ ନନ୍ଦିଘୋଷ ଟିଭିର ଏଭଳି ଏକ ନିଆରା ପ୍ରୟାସକୁ ପ୍ରଶଂସା କରିଥିଲେ। ଓଡ଼ିଶାର ଜନାଦୃତ ଦୈନିକ

### ■ ଦୃଢ଼ ବିଶ୍ୱାସ ହେଉଛି ସଫଳତାର ଚାବିକାଠି
### ■ ନିରପେକ୍ଷ ଖବର ପରିବେଷଣ ସମାଜରେ ଶୈକ୍ଷିକ ପରିବେଶ ସୃଷ୍ଟି କରୁଛି
### ■ ପଶ୍ଚିମ ଓଡ଼ିଶାର ୯୧ ଜଣ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ଖବରକାଗଜ ସକାଳ ଏବଂ ଦର୍ଶକଙ୍କ ମନକୁ ଛୁଇଁଥିବା ନନ୍ଦିଘୋଷ ଟିଭି ଖୁବ୍ କମ ସମୟ ମଧ୍ୟରେ ଓଡ଼ିଶାର ଗଣମାଧ୍ୟମ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସମାଜରେ ଘଟୁଥିବା ଘଟଣାବଳୀକୁ ନିରପେକ୍ଷ ଭାବରେ ପରିବେଷଣ କରି ଜନତା ଓ ସରକାରଙ୍କ ମଧ୍ୟରେ ସମ୍ପର୍କ ସୂତ୍ର ହୋଇପାରିଛି ଦୈନିକ ସକାଳ ଓ ନନ୍ଦିଘୋଷ ଟିଭି। କେବଳ ଖବର ପରିବେଷଣ ନୁହେଁ ସମାଜରେ ଏକ ଶୈକ୍ଷିକ ପରିବେଶ ସୃଷ୍ଟି କରି ଦକ୍ଷତା ସମ୍ପନ୍ନ ବିଦ୍ୟାର୍ଥୀ ଗଢ଼ି ତୋଳିବାକୁ ମାଟ୍ରିକ୍ ଉତ୍କର୍ଷ ସମ୍ମାନ ଭଳି ଏକ ନିଆରା କାର୍ଯ୍ୟକ୍ରମର ଆୟୋଜନ କରୁଛି ଯାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଉପସ୍ଥିତ ଅତିଥି ଓ ଅଭିଭାବକମାନେ ପ୍ରକାଶ କରିଥିଲେ। ସଭାକାର୍ଯ୍ୟ ପରେ ପଶ୍ଚିମ ଓଡ଼ିଶାର ୧୧ ଟି ଜିଲ୍ଲାରୁ ଆସିଥିବା ଜିଲ୍ଲା ଟପ୍ପର ଏବଂ ବ୍ଲକ ଟପ୍ପରମାନଙ୍କୁ ମେଡାଲ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥାର କର୍ତ୍ତୃପକ୍ଷମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସିମନ୍ତିକା ଦାସ ପରିଚାଳନା କରିଥିଲେ। ଶେଷରେ ସକାଳର କଳାହାଣ୍ଡି ଜିଲ୍ଲା ପ୍ରତିନିଧି ସ୍ୱାଧୀନ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ରୁଚି ସ୍ନାଇସେସର ଡିଷ୍ଟ୍ରିବ୍ୟୁଟର(ସାଇ ଏଣ୍ଟରପ୍ରାଇଜେର୍ସର ପ୍ରୋପାଇଟର) ସୁଜିତ୍ କୁମାର ପଣ୍ଡା, ରୁଚି ସ୍ନାଇସେସର ଜୋନାଲ ହେଡ ରାଜେଶ କୁମାର ବାରିକ, ଓମ୍‌ଫେଡ୍‌ର ରୁଟ ଇନଚାର୍ଜ ପରେଶ ପଣ୍ଡାଙ୍କ ବିଶେଷ ସହଯୋଗ ରହିଥିଲା। ସକାଳର ସମ୍ବଲପୁର ଏଡିସନ୍ ବ୍ୟୁରୋ ଚିଫ ପ୍ରଶାନ୍ତ ମିଶ୍ର, ସମ୍ବଲପୁର ଜିଲ୍ଲା ପ୍ରତିନିଧି ଶୁଭାଶିଷ ପାଢ଼ୀ, ସମ୍ବଲପୁର ସିଟି ରିପୋର୍ଟର ଶୁଭମ ଖଡିରତ୍ନ, ବରଗଡ଼ ଜିଲ୍ଲା ପ୍ରତିନିଧି ବଦ୍ରି ସାହୁ, ସିଟି ରିପୋର୍ଟର ସରୋଜ ଷଡ଼ଙ୍ଗୀ, ବଲାଙ୍ଗିର ଜିଲ୍ଲା ପ୍ରତିନିଧି ଶିଶିରକାନ୍ତ ଶତପଥୀ, ସିଟି ରିପୋର୍ଟର ଅଭିଳାଷ ହୋତା, ଦେବଗଡ଼ ଜିଲ୍ଲା ପ୍ରତିନିଧି ବ୍ରିଜେଶ ସାହୁ, ଝାରସୁଗୁଡ଼ା ଜିଲ୍ଲା ପ୍ରତିନିଧି ସୁବାସ ପଧାନ, କଳାହାଣ୍ଡି ଜିଲ୍ଲା ପ୍ରତିନିଧି ସ୍ୱାଧୀନ ପାତ୍ର, ନୂଆପଡ଼ା ଜିଲ୍ଲା ପ୍ରତିନିଧି ଘନଶ୍ୟାମ ଭୋଇ, ସୋନପୁର ଜିଲ୍ଲା ପ୍ରତିନିଧି ଧରଣୀଧର ମିଶ୍ର, ସୁନ୍ଦରଗଡ଼ ଜିଲ୍ଲା ପ୍ରତିନିଧି ଜୟକୃଷ୍ଣ ସେଠ, ତରଭା ପ୍ରତିନିଧି ଅଶୋକ ସାହୁ, ଡିଜାଇନର ସୁମନ୍ତ ଛଞ୍ଚାଣ, ଧର୍ମରାଜ ବାଗ, ଆଡମିନ ଆସିଷ୍ଟାଣ୍ଟ ସୁଧିର ସିଂ, ଫଟୋଗ୍ରାଫର ନରସିଂହ ବର୍ଗ୍ତି, ନନ୍ଦିଘୋଷ ଟିଭିର ପ୍ରତିନିଧି ଚୈତନ୍ୟ ନାଏକ, କ୍ୟାମେରାମେନ ନିଲୁ ସାହୁ, ଅଫିସ କର୍ମଚାରୀ ରାମନାରାୟଣ ବାଗ, ମେସିନ ଷ୍ଟାଫ ନିରଞ୍ଜନ ଲେଙ୍କା, ଗୋଲକ ଛତ୍ରିଆ, ମୁକେଶ ଶର୍ମା, ଅମିତ୍ ସିଂ, ସୁନିଲ ଗୁପ୍ତା, ଜାହାଙ୍ଗୀର ଅଲି ଖାନ, ଗଗନ ମାଝୀ, ଯୁଗଳ ପ୍ରଧାନ, ନନ୍ଦୀ, ଉପେନ୍ଦ୍ର ବରିହା, ସତ୍ୟବ୍ରତ ସାହୁ, ସ ଞ୍ଜୀବ, ନବୀନ, ସିଟିପି ଅପରେଟର ରଞ୍ଜନ ପଲେଇ, ଅଜୟ ସୁନା ଓ ଅନ୍ୟ ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଯୁବତୀଙ୍କୁ ଉଦ୍ଧାର ସହ ଅପହର୍ତ୍ତାଙ୍କ ଗିରଫ ଦାବି



### ■ କେବଳ ମାମଲା ରୁଜୁ କରି ଚୁପ୍ ବସିଛି ଘଣ୍ଟାପଡ଼ା ପୁଲିସ
### ■ ଆମ୍ବେଦକର ଦଳିତ ସମାଜ ବିକାଶ ପରିଷଦର ଅସନ୍ତୋଷ
### ■ ୪ ତାରିଖ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ସମୟ
### ■ ଥାନା ସମ୍ମୁଖରେ ଧାରଣା, ରାସ୍ତାରୋକ ଚେତାବନୀ

**ଶଗଡ଼ା, ୨୯ ।୫(ସମିସ):** କଣ୍ଟାମାଳ ବ୍ଲକ ଖମନ ମୁଣ୍ଡା ପଞ୍ଚାୟତ ଗୁଣ୍ଡୁଚି ତରା ଗ୍ରାମର ଜଣେ ଯୁବତୀ ୬ ମାସରୁ ଅଧିକ ହେଲା ଅପହରଣ ହୋଇଛନ୍ତି। ଗାଁର ସୁଦାମ ଚରଣ ମିଶ୍ର ନାମକ ଜଣେ ଯୁବକ ତାଙ୍କୁ ଅପହୃତ କରିଛି। ଏ ନେଇ ଯୁବତୀଙ୍କ ପରିବାର ଘଣ୍ଟାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ କିନ୍ତୁ ଏକ ମାମଲା ରୁଜୁ କରି ଚୁପ୍ ବସିଛି। ଯୁବତୀଙ୍କୁ ଉଦ୍ଧାର କରପାରିନି କିମ୍ବା ଅପହର୍ତ୍ତାଙ୍କୁ ଗିରଫ କରିନି। ଏଣୁ ପୁଲିସ ଉପରେ ଆମ୍ବେଦକର ଦଳିତ ସମାଜ ବିକାଶ ପରିଷଦ ଅସନ୍ତୋଷ ପ୍ରକାଶ କରିଛି। ବୁଧବାର ପରିଷଦର କର୍ମକର୍ତ୍ତା ଘଣ୍ଟାପଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ୪ତାରିଖ ସୁଦ୍ଧା ଅପହୃତା ଯୁବତୀଙ୍କୁ ଉଦ୍ଧାର ସହ ଅପହର୍ତ୍ତାଙ୍କୁ ଗିରଫ କରିବାକୁ ପୁଲିସକୁ ସମୟ ଦେଇଛନ୍ତି। ଅନ୍ୟଥା ଘଣ୍ଟାପଡ଼ା ଥାନାରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦେବା ସହ ରାସ୍ତାକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

# ଆଖିରେ ବଢୁଛି ମାଂସ ପିଣ୍ଡୁଳା

**ସିନାପାଲି, ୨୯ ।୫(ସମିସ):** ସିନାପାଲି ବ୍ଲକ ଘାଟମାଳ ପଞ୍ଚାୟତ ତାଲାକୋଟ ଗାଁ ବୋରଡିପଡ଼ାର ଉଦେସିଂ ବନବାସୀ (୫୦) ଙ୍କ ଆଖିରେ ମାଂସ ପିଣ୍ଡୁଳା ବଢୁଛି। ଚିକିତ୍ସା

### ■ ଚିକିତ୍ସା ଲାଗି ଅର୍ଥ ଅଭାବ ବାଧକ ସାଜିଛି
### ■ ସ୍ତ୍ରୀ ମୂଲ ଲାଗିଲେ ଘର ଚଳୁଛି
### ■ କାମକୁ ଗଲେ ରୋଷେଇ ବନ୍ଦ
### ■ ଘରେ ରହିଲେ ଉପାସ

ଲାଗି ଅର୍ଥ ଅଭାବ ବାଧକ ସାଜିଛି।

ବର୍ଷେ ତଳେ ବନବାସୀଙ୍କ ନାକରେ ଛୋଟ ଫୁଲିଟିଏ ହୋଇଥିଲା। ସେହି ଫୁଲି ଧୀରେ ଧୀରେ ବଡ ହେବାରେ ଲାଗିଲା। ପରେ ଫୁଲିଟି ବଢ଼ିଯାଇ ବାମ ଆଖିକୁ ଘାତକ କରି ମାଂସ ପିଣ୍ଡୁଳା ବଢ଼ିଗଲା। ଏହା ଫଳରେ ବାମ ଆଖିରେ ସମ୍ପୂର୍ଣ୍ଣ ଭାବରେ ଦେଖିବା ବନ୍ଦ ହୋଇଯାଇଛି। ଚିକିତ୍ସା ପାଇଁ ସେ ସିନାପାଲି ସରକାରୀ ହସପିଟାଲ ଓ ପରେ ଭବାନୀପାଟଣା ହସପିଟାଲ ଯାଇଥିଲେ; ହେଲେ ଠିକ୍‌ରେ ଚିକିତ୍ସା ନ ହେବାରୁ ଘରକୁ ଫେରି ଆସି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅନ୍ୟପକ୍ଷେ ବନବାସୀ ଆଖି ସମସ୍ୟା ପାଇଁ କାମଧନ୍ଦାକୁ ଯାଇ ପାରୁ ନାହାନ୍ତି। ଘରେ ଏକ ବିଛଣାରେ ପଡ଼ି ରହୁଛନ୍ତି। ପତ୍ନୀ ଜିରେବାଇ ବନବାସୀ (୪୫) କୁଲିମଜୁରୀ କରି ପରିବାର ଚଳାଉଛନ୍ତି। ଅବଶ୍ୟ ସରକାରଙ୍କ ପକ୍ଷରୁ ସ୍ୱାମୀ, ସ୍ତ୍ରୀକୁ ମାସକୁ ୧୦ କେଜି ଚାଉଳ ମିଳୁଛି। ଏହା କିଛି ମାତ୍ରାରେ ପରିବାରର ଦୁଃଖ ଲାଘବ କରୁଛି। ସେହିଭଳି ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିଛି। ଏଣୁ ମୁଣ୍ଡ ଉପରେ ଛାତ ରହିଛି। ଏଣୁ କେବଳ ଚିକିତ୍ସା ସମସ୍ୟା ଲାଗି ରହିଛି।



ବନବାସୀଙ୍କ ଜମିବାଡି କିଛି ନାହିଁ। ସ୍ୱାମୀ, ସ୍ତ୍ରୀ କାମ କଲେ ଖାଆନ୍ତି। ନ ହେଲେ ଭୋକ ଉପାସରେ ରହନ୍ତି। ସ୍ୱାମୀଙ୍କୁ ଛାଡି ସ୍ତ୍ରୀ କାମରେ ଗଲେ ରୋଷେଇ କରିବାରେ ସମସ୍ୟା ହେଉଛି। ସ୍ତ୍ରୀ ଘରେ ରହି ରୋଷେଇ କଲେ ଦୁଇ ପଇସା ରୋଜଗାର କରି ପରିବାର ଚଳାଇବା ସ୍ତ୍ରୀ ପାଇଁ ବଡ ସମସ୍ୟା ସୃଷ୍ଟି କରୁଛି। ଏଭଳି ଅନେକ ସମସ୍ୟାରେ ସ୍ୱାମୀ ସ୍ତ୍ରୀ ରହୁଛନ୍ତି।

ଏ ନେଇ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଶ୍ରୀମାନ ସାହୁଙ୍କୁ ପଚାରିବାରୁ ଏହା ତାଙ୍କ ନଜରରେ ଅଛି। ଖୁବ ଶୀଘ୍ର ଏକ ଡାକ୍ତରୀ ଟିମ୍ ପହଞ୍ଚି ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# କଲବଲ କରୁଛି ଗରମ, ଗୁଳୁଗୁଳି

**ବୌଦ୍ଧ, ୨୯ ।୫(ସମିସ):** ବୌଦ୍ଧ ଜିଲ୍ଲାରେ ତାପମାତ୍ରା ବଢ଼ିବାରେ ଲାଗିଛି। ମଙ୍ଗଳବାର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ଭାବେ ବୌଦ୍ଧର ତାପମାତ୍ରା ୪୫.୯ ଡିଗ୍ରୀ ସେଣ୍ଟିଗ୍ରେଡ଼ ଥିଲା। ବୁଧବାର ମଧ୍ୟ ତାତି ବଳବତ୍ତର ରହିଛି। ଅସହ୍ୟ ଗରମ ଓ ଗୁଳୁଗୁଳିରେ ବୌଦ୍ଧବାସୀ କଲବଲ ହେଉଛନ୍ତି। ଦିନବେଳା ଘରୁ ବାହାରିବାକୁ ଲୋକେ ଭୟ କରୁଛନ୍ତି। ସକାଳ ୧୦ଟା ପରେ ଘରୁ କେହି ବାହାରିପାରୁ ନ ଥିବା ବେଳେ ରାସ୍ତାଘାଟ, ଦୋକାନ ବଜାର ମଧ୍ୟ ୧୧ଟା ବେଳକୁ ଶୂନଶାନ ହୋଇପଡୁଛି। ଅଂଶୁଘାତରୁ ରକ୍ଷା ପାଇବା ପାଇଁ କଳା ଚଷମା ଓଦା ଗାମୁଛା ମୁଣ୍ଡରେ ପକାଇ ବାହାରିବାକୁ ପ୍ରଶାସନ ତରଫରୁ ନିବେଦନ କରାଯାଇଛି। ଅତ୍ୟନ୍ତ ଜରୁରୀ କାମ ନ ଥିଲେ ଘରୁ ବାହାରିବାକୁ ବୟସ୍କ ଓ ଛୋଟପିଲାଙ୍କୁ ପ୍ରଶାସନ ତରଫରୁ ମନା କରାଯାଇଛି। ଅନ୍ୟପଟେ ଲୋକେ ଖରାଦାଉରୁ ରକ୍ଷାପାଇବା ପାଇଁ ମୃଦୁ ପାନୀୟ, ଲସି, ସରବତ ଦୋକାନରେ ଭିଡ ଜମାଉଥିବା ଦେଖିବାକୁ ମିଳିଛି।

# ନାମଯଜ୍ଞ ପାଇଁ କଳସ ଯାତ୍ରା

**ଶଗଡ଼ା, ୨୯ ।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସଦର ଗ୍ରାମରେ ରଘୁନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ନିକଟସ୍ଥ ସୋରି ବେଙ୍ଗେସ ନାଳରୁ କଳସରେ ପାଣି ନେଇ ଯଜ୍ଞ ସ୍ଥଳକୁ ଏକ ଶୋଭାଯାତ୍ରାରେ ଆଣିଥିଲେ। ପୂଜାର୍ଚ୍ଚନା ସହ ଯଜ୍ଞ ସ୍ଥଳରେ କଳସ ସ୍ଥାପନ କରା ଯାଇଥିଲା। ଗୁରୁବାର ନାମ ଯଜ୍ଞ ଅନୁଷ୍ଠିତ ହେବ। ରବିବାର ପ୍ରାଣ ପ୍ରତିଷ୍ଠା କରାଯିବ। ନିଲାଞ୍ଚଳ ପ୍ରଧାନ ଓ ତାଙ୍କ ପତ୍ନୀ ମନିଷା ପ୍ରଧାନ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବାବେଳେ ଉତ୍ତର ପୁରୋହିତ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

## ଏବେବି ମାନବିକତା ବଞ୍ଚିଛି

# ନିରାଶ୍ରୟ ବୃଦ୍ଧଙ୍କ ଅନ୍ତିମ ସଂସ୍କାର କଲେ ସ୍ୱେଚ୍ଛାସେବୀ

**ସୋନପୁର, ୨୯ ।୫ (ସମିସ):** କେହି କେହି କହନ୍ତି ଆଧୁନିକ ସମାଜରେ ମଣିଷ ପଣିଆ ନାହିଁ। ଏହାକୁ ଭୁଲ୍ ପ୍ରମାଣିତ କରି ଜଣେ ଅସହାୟ ବୃଦ୍ଧଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର କରି କେତେକ ସ୍ୱେଚ୍ଛାସେବୀ ମହାନତାର ପରିଚୟ ଦେଇଛନ୍ତି। ସୁବର୍ଣ୍ଣପୁର ବୃଦ୍ଧାଶ୍ରମରେ ରହୁଥିବା ଶୁକଦେବ ସାହୁ (୭୫)ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ବୃଦ୍ଧାଶ୍ରମର ସଦସ୍ୟଙ୍କ ସହାୟତାରେ ରାମେଶ୍ୱର ସ୍ଥିତ ଶ୍ମଶାନରେ ଶୁକଦେବଙ୍କ ଅନ୍ତିମ ସତ୍କାର କରାଇଛନ୍ତି।



ସୋନପୁରର ଏକ ହୋଟେଲରେ କାମ କରୁଥିବା କଣ୍ଟାମାଳ ଅଞ୍ଚଳର ଶୁକଦେବଙ୍କୁ ମନୋଜ ପଣ୍ଡା ଏବଂ ପଠାଣି ପଣ୍ଡାଙ୍କ ଉଦ୍ୟମରେ ସ୍ଥାନୀୟ ବୃଦ୍ଧାଶ୍ରମରେ ରଖା ଯାଇଥିଲା। କିଛି ଦିନ ଆଗରୁ ସେ ବାର୍ଦ୍ଧକ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତେବେ ମଙ୍ଗଳବାର ଜିଲ୍ଲା ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର କେହି ନ ଥିବାରୁ ତାଙ୍କୁ ସୋନପୁର ରାମେଶ୍ୱର ଶ୍ମଶାନରେ ସତ୍କାର କରାଯାଇଛି। ପୁଲିସ କର୍ମଚାରୀ ତଥା ରକ୍ତଦାତା ମନୋଜ ପଣ୍ଡା ଶୁକଦେବଙ୍କୁ ମୁଖାଗ୍ନି ଦେଇଥିଲେ। କାହ୍ନୁ ସାହୁ, ମନୋଜ ପଣ୍ଡା, ଆଶିଷ ମିଶ୍ର, କୁଶ ଭୋଇ, ଦୀପକ ମେଣ୍ଡେଲି, ସୁଶାନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ସୋନପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି

# ସମସ୍ତଙ୍କ ସହଯୋଗ ମାଗିଲା ପ୍ରଶାସନ

**ସୋନପୁର, ୨୯ ।୫(ସମିସ)**

ସୋନପୁରରେ ଶୀତଳଷଷ୍ଠୀ ଯାତ୍ରା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକ ଯାତ୍ରାର ସୁପରିଚାଳନା ପାଇଁ ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟଙ୍କ ସହ ଆଲୋଚନା କରି ସମସ୍ତଙ୍କ ସହଯୋଗ ମାଗିଛନ୍ତି। କମିଟି ସଭାପତି, ସମ୍ପାଦକ, ସେବାୟତଙ୍କ ସହ ଚଳିତ ବର୍ଷ ଶୀତଳ ଷଷ୍ଠୀ ଯାତ୍ରାର କନ୍ୟା ପିତା ଗୋପାଳ ପ୍ରସାଦ ଭୂତ ଏବଂ ବରପିତା କୁମାର (ବାବୁଲି) ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଡିପିଓ ପ୍ରତାପ ତ୍ରିପାଠୀ ମଧ୍ୟ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଜୁନ୍ ୭ରେ ସୋନପୁର ଟ୍ରେଜେରୀରୁ ସୁନାନାଗ ଏବଂ ଅଳଙ୍କାର ବାହାର କରାଯିବ। ସେହିଦିନ ଶିବ ଓ ପାର୍ବତୀ ଯଥାକ୍ରମେ ବରପିତା ଏବଂ କନ୍ୟାପିତାଙ୍କ ଗୃହକୁ ପ୍ରବେଶ କରିବେ। ଜୁନ୍ ୯ରେ ଅଳଙ୍କାର ଧାରଣ ଏବଂ ବର ନିମନ୍ତ୍ରଣ ରହିଛି। ୧୦ରେ ବରାନୁଗମନ ଓ ବିବାହ ଅନୁଷ୍ଠିତ ହେବ। ତେବେ ଶୀତଳ ଷଷ୍ଠୀର ଯାତ୍ରାର ମୁଖ୍ୟ ଆକର୍ଷଣ ଦେବ ଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା। ଜୁନ୍ ୧୨ ଭୋରରେ ଏହା ଅନୁଷ୍ଠିତ ହେବ। ସୋନପୁରର ସ୍ୱାତନ୍ତ୍ରତା ହେଲା ୧୦୮ ଭରି ଓଜନର ସୁନା ନାଗ ସହ ଦେବ ଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା। ତେବେ ସୂଚାରୁ ରୂପେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରଶାସନ ତରଫରୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ଏବି ବୈଠକରେ ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି କିଶନଲାଲ ଅଗ୍ରୱାଲ, ସମ୍ପାଦକ ଗିରିଗୋବର୍ଦ୍ଧନ ଥନାପତି, ଉପ ସଭାପତି ସୁକାନ୍ତ ସାହୁ, ସହ ସମ୍ପାଦକ ଲକ୍ଷ୍ମୀନାରାୟଣ ଥନାପତି, କୋଷାଧ୍ୟକ୍ଷ ଜୟନାରାୟଣ ସାହୁ, ଶ୍ରୀବତ୍ସ ମଲ୍ଲିକ, ବାଙ୍କାବିହାରୀ ମହଲା, ସମରେଶ ଥନାପତି, ଅଚ୍ୟୁତ ପୂଜାରୀ ପ୍ରମୁଖଙ୍କ ସହ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଚଳିତ ବର୍ଷ ଶୀତଳ ଷଷ୍ଠୀକୁ ଅତି ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।





## ସଂଖ୍ୟାଲଘୁ ବସ୍ତିରେ ଧ୍ରୁବ ଓ ମୁନା ଖାଁଙ୍କ ନିର୍ବାଚନ ପ୍ରଚାର



**ପଟ୍ଟାମୁଣ୍ଡାଇ, ୨୯।୫(ସମିସ):** ରାଜ୍ୟର ସଂଖ୍ୟାଲଘୁମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଅନେକ ଯୋଜନା କରିଥିବାରୁ ସଂଖ୍ୟାଲଘୁ ମୁସଲମାନଙ୍କର ବିଜେଡି ପ୍ରତି ସମର୍ଥନ ରହିଛି। ରାଜନଗର ନିର୍ବାଚନ ମଣ୍ଡଳୀରେ ସଂଖ୍ୟାଲଘୁ ଭୋଟ ହାତେଇବା ପାଇଁ ବିଜେଡି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି। ରାଜ୍ୟ ବିଜେଡି ସଂଖ୍ୟାଲଘୁ ସେଲ ଅଧକ୍ଷ ରାଜ୍ୟସଭା ସାଂସଦ ମୁନା ଖାଁ ରାଜନଗର ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ରାଜନଗର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କ ସହିତ ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତି, ସାନଜରିଆ, ଚନ୍ଦନନଗର ଓ ରାଜନଗର ବ୍ଲକର କେରେଡାଗଡ଼ ଆଦି ବିଭିନ୍ନ ମୁସଲମାନ ବସ୍ତିକୁ ବିଜେଡି ସପକ୍ଷରେ ନିର୍ବାଚନ ପ୍ରଚାର କରି ଉଭୟ ବିଜେଡି କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ମୁନ୍ନା ଖାଁଙ୍କ ସହିତ ରାଜ୍ୟ ବିଜେଡି ସମ୍ପାଦକ ମିଟୁ ଦାଶ, ରାଜ୍ୟ ସଂଖ୍ୟାଲଘୁ ସେଲ ସମ୍ପାଦକ ସେକ ଫାରୁକ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋସନା ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ବୁଢା ଲେଙ୍କା, ଜିଲ୍ଲା ମହିଳା ବିଜେଡି ଉପସଭାପତି ବୈଜୟନ୍ତୀ ମାଳା ଲେଙ୍କା, ନଗର ମହିଳା ବିଜେଡି ସଭାନେତ୍ରୀ କାଉନ ସିଲର ଲାସ୍ୟମୟୀ ସାହୁ, କାଉନସିଲର ସାନିଆ ପରମିନ ସାହେବା, ପୂର୍ବତନ କାଉନ ସିଲର ସେକ ତାଜଉଦ୍ଦିନ, ସେକ ଅମରୁଲ ଓ କେଶବ ସେଠୀ, ଯୁବ ସଂଗଠକ ଏମ ଡି ପପୁ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ସେକ ସାରାତୁଲ୍ଲା, ସେକ ମୋଇଉଦ୍ଦିନ, ସେକ ଇସ୍ମାଇଲ, ମିର୍ଜା ହେଦାଦ ବେଗ ପ୍ରମୁଖ ବିଭିନ୍ନ ମୁସଲିମ ବସ୍ତିକୁ ବିଜେଡି ସପକ୍ଷରେ ନିର୍ବାଚନ ପ୍ରଚାର କରିଥିଲେ।

### ଦାନପୁର ପଞ୍ଚାୟତରେ ବିଜେଡି ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

# ରାଜ୍ୟ ପ୍ରଗତିରେ ମାତୃଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ: ଅରବିନ୍ଦ

ଡେରାବିଶ, ୨୯।୫(ସମିସ)



୨୦୨୪ ସାଧାରଣ ନିର୍ବାଚନ ଆଉ ମାତ୍ର ୨ ଦିନ ବାକିଥିବା ବେଳେ ଆସନ୍ତା କାଲି ଅପରାହ୍ନ ପର୍ଯ୍ୟନ୍ତ ପ୍ରଚାର କାର୍ଯ୍ୟ ହେବ। ଏଥିପାଇଁ ପ୍ରମୁଖ ବିଜେଡି, ବିଜେପି, କଂଗ୍ରେସ ଓ ଆପ୍ ଦଳ ପକ୍ଷରୁ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ଆଜି ପୂର୍ବାହ୍ନରେ ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାନପୁର ପଞ୍ଚାୟତରେ ବିଜେଡିର ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟକ୍ରମ କରିଛନ୍ତି। ଆଜି ପୂର୍ବାହ୍ନରେ ପଞ୍ଚାୟତ ଅନ୍ତର୍ଗତ ହ୍ରଦପଡ଼ିଆଠାରୁ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ମଲିକ, ଦାନପୁର ସମିତିସଭ୍ୟା ପ୍ରିୟତମା ଦାଶ ଓ ପୂର୍ବତନ ସରପଞ୍ଚ ବିଭୁଦେନ୍ଦୁ ପଣ୍ଡାଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ର୍‌ୟାଲିରେ ପଞ୍ଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର, କେଶରପୁର, ରଜାଙ୍ଗ, ଦାନପୁର, ଭାଗବତପୁର, ଗହଗା ଓ ନରସିଂହପୁର ଗ୍ରାମର ଘରକୁ ଘର ଯାଇ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ପାଟକୁରାର ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ଯୋଡ଼ିଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ର୍‌ୟାଲି ଓ ପ୍ରଚାର ସମୟରେ ବିଭିନ୍ନ ସ୍ଥାନରେ ମହିଳାମାନେ ପ୍ରାର୍ଥୀ ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ କରିବା ସହିତ ଧୂପଦୀପ ଓ ହୁଳହୁଳି ଦେଇ ବନ୍ଦାପନା କରିଥିଲେ। ଶ୍ରୀ ମହାପାତ୍ର ମହିଳାମାନଙ୍କୁ ପ୍ରଣାମ ଜଣାଇବା ସହିତ ରାଜ୍ୟର ପ୍ରଗତିରେ ମାତୃଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା କହି ଉପସ୍ଥିତ ମା' ମାନେ ଆସନ୍ତା ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ତାଙ୍କୁ ଆଶ୍ରୀର୍ବାଦ କରିବାକୁ କହିଥିଲେ। ଏଥି ସହିତ ନବୀନ ସରକାରଙ୍କ ବିଦ୍ୟୁତ୍ ବିଲ୍ ଛାଡ଼, ଗରିବ ଲୋକଙ୍କ ପାଇଁ ସଞ୍ଜୀବନୀ ସାଜିଥିବା ବିଏସ୍‌କେୱାଇ କାର୍ଡ଼ ଓ ସର୍ବୋପରି ମିଶନ ଶକ୍ତି ମହିଳାମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅମ୍ବିକା ପ୍ରସାଦ ରଥ, ମନିନ୍ଦ୍ର ପ୍ରସାଦ ରଥ, ବ୍ଲକ ଯୁବ ବିଜେଡ଼ି ସଭାପତି ଗୋଲଖ ଚନ୍ଦ୍ର ସାହୁ, ସୁଦିପ୍ତ ସାମଲ, ଶ୍ରୀକାନ୍ତ ମିଶ୍ର, ପ୍ରଣତି ପ୍ରଧାନ, ରଜତ ଦାସ, ରନ କୁମାର ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ, ଉତ୍ସବ ଚନ୍ଦ୍ର ବାରିକ, ସାଇସତ୍ୟ ଦାଶ, ବୈରାଗୀ ପଣ୍ଡା, ରୁଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ତାଳଚୁଆରେ ବିଜେଡିର ନିର୍ବାଚନୀ ସଭା



**ରାଜନଗର, ୨୯।୫(ସମିସ):** ରାଜନଗର ନିର୍ବାଚନମଣ୍ଡଳୀର ତାଳଚୁଆ ଠାରେ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ତାଳଚୁଆ ପଞ୍ଚାୟତର ଡାଲଖାଇ ଛକରୁ ବିରାଟ ବାଇକ ଶୋଭାଯାତ୍ରା କେରୁଆଁପାଳ, ରଙ୍ଗଣୀ, ବାଘମାରୀ, ତାଳଚୁଆ ପଞ୍ଚାୟତର ସମସ୍ତ ଗାଁ ପରିକ୍ରମା କରିବା ପରେ ତାଳଚୁଆ ଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଜନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ବିଜେଡିର ଷ୍ଟାର ପ୍ରଚାରକ ତଥା ଓଲିଉଡର ସୁପରଷ୍ଟାର ଯୋଡି ସବ୍ୟସାଚୀ ଓ ଅର୍ଚ୍ଚିତା ଯୋଗଦେଇ ରାଜନଗର ନିର୍ବାଚନମଣ୍ଡଳୀରେ ଗତ ୫ ବର୍ଷରେ ହୋଇଥିବା ବିକାଶ ଧାରାକୁ ଆଗେଇ ନେବାକୁ ବିଧାୟକ ଭାବେ ଧ୍ରୁବ ଭାଇଙ୍କୁ ଓ ସାଂସଦ ଭାବେ ଅଂଶୁମାନ ଭାଇଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ବିଜୁ ଜନତା ଦଳର ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଗତ ୫ ବର୍ଷରେ ସେହି ଅଞ୍ଚଳରେ କରିଥିବା ବିକାଶର ଲମ୍ବା ତାଲିକା ରଖିବା ସହ ଆଗାମୀ ୫ ବର୍ଷରେ ବିକାଶକୁ ଦ୍ୱିଗୁଣିତ କରିବା ସହ ତାଳଚୁଆ ଅଞ୍ଚଳକୁ ସମୃଦ୍ଧିର ଶୀର୍ଷରେ ପହଁଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ୫ ବର୍ଷରେ ଭୁବନେଶ୍ୱରରେ ନରହି ଅଞ୍ଚଳରେ ରହି ଆପଣ ମାନଙ୍କ ସେବା କରିଛି, ପୁନର୍ବାର ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ। ଏହି ନିର୍ବାଚନୀ ସଭାରେ ରାଜ୍ୟ ଯୁବ ମହିଳା ବିଜେଡି ମହାସଚିବ ଏଲିନା ଦାସ, ତାଳଚୁଆ ରଙ୍ଗଣୀ ସମିତିସଭ୍ୟ ତପନ କୁମାର ସାହୁ, କେରୁଆଁପାଳ ସମିତିସଭ୍ୟ ମଧୁସୂଦନ ପ୍ରଧାନ, ପୂର୍ବତନ ସରପଞ୍ଚ ସପନ ପରିଡ଼ା, ବରିଷ୍ଠ ବିଜେଡି ନେତା ବଳରାମ ମଣ୍ଡଳ, ବିକାଶ ଚନ୍ଦ୍ର ଗିରି, ରାଖାଲ କୁମାର ପାତ୍ର, ସୁକଦେବ ପ୍ରଧାନ, ଦେବ ଦୁଲାଲ ମଣ୍ଡଳ, ତାପସ ପ୍ରଧାନ,



ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ, ବରିଷ୍ଠ ବିଜେଡି ନେତା ମଦନ ଦେବନାଥ, ଅମଲ କୁମାର ପ୍ରଧାନ, ଲକ୍ଷ୍ମୀଧର ବାରିକ, ସୁଧିର ପାଲ, ବିଜୟ ନାୟକ, ବାଘମାରୀ ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ, ପୂର୍ବତନ ସରପଞ୍ଚ ମୁକ୍ତି କୁମାର ପାତ୍ର, ଖଇରୁଲ ଅଲ୍ଲୀ ଖାଁ, ଗୋପାଳ ସାହୁ, ସନ୍ତୋଷ ପାହାଡି, ଯୁବନେତା ଅରବିନ୍ଦ ଦେବନାଥ, ଦିଲ୍ଲୀପ ପଣ୍ଡା, ସଞ୍ଜୟ ଖାଣ୍ଡା ପ୍ରମୁଖ ଯୋଗଦେଇ ଡବଲ ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

### ପେଣ୍ଠପାଳରେ ବିଶାଳ ମହିଳା ସମାବେଶ

# ମହିଳାମାନେ ବିକାଶର ପ୍ରକୃତ ସାରଥି

ପଟ୍ଟାମୁଣ୍ଡାଇ, ୨୯।୫(ସମିସ)



ମହିଳା ମାନେ ହେଉଛନ୍ତି ବିକାଶର ପ୍ରକୃତ ସାରଥୀ ବୋଲି ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ୧୨ଟି ପଞ୍ଚାୟତକୁ ନେଇ ପେଣ୍ଠପାଳ ଠାରେ ଆୟୋଜିତ ବିଶାଳ ମହିଳା ସମ୍ମିଳନୀରେ ପ୍ରକାଶ କରିବା ସହିତ ମହିଳା କଲ୍ୟାଣ ଓ ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ସାରା ଭାରତରେ ଉଦାହରଣ ସୃଷ୍ଟି କରିଥିବାରୁ ଆଗାମୀ ସାଧାରଣ ନିର୍ବାଚନରେ ମା' ମାନେ ବିଜେଡି ପ୍ରତି ଅକୁଣ୍ଠ ସମର୍ଥନ ଜାରି ରଖିବାକୁ ନିବେଦନ କରିଥିଲେ। କଟକ ଚୌଦ୍ୱାର ପୂର୍ବତନ ବିଧାୟକ ତଥା ୧୨ ପଞ୍ଚାୟତ ବିଜେଡି ପର୍ଯ୍ୟବେକ୍ଷକ ଡ଼ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ବିଶାଳ ମହିଳା ସମ୍ମିଳନୀରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ବିଜୟ କେତନ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ଯୋଗୁଁ ମହିଳାମାନେ ସବୁ କ୍ଷେତ୍ରରେ ଆଗୁଆ ହୋଇପାରିଛନ୍ତି ବୋଲି କହିବା ସହିତ କେନ୍ଦ୍ରାପଡ଼ା ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରି ପ୍ରଚାର ସର୍ବସ୍ୱ ବିରୋଧୀଦଳକୁ କଡା ଜବାବ ଦେବାକୁ ନିବେଦନ କରିଥିଲେ। କେନ୍ଦ୍ରାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା ମହିଳାଙ୍କ ଅକୁଣ୍ଠ ସମର୍ଥନ ପାଇ ନବୀନ ପଟ୍ଟନାୟକ ୫ ଥର ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ ଆସନ୍ତା ସାଧାରଣ ନିର୍ବାଚନ ପରେ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ମା' ମାନଙ୍କ ଆଶୀର୍ବାଦ ଯୋଗୁଁ କେନ୍ଦ୍ରାପଡ଼ା ଲୋକସଭା ଓ ବିଧାନସଭା ଆସନରେ ବିଜେଡି ବିଜୟ ସୁନିଶ୍ଚିତ ବୋଲି ପ୍ରକାଶ କରିଥିଲେ। ଚୌଦ୍ୱାର ମୁନିସିପାଲିଟି ଅଧକ୍ଷା ମାନସୀ ସ୍ୱୟଂପ୍ରଭା ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଧୀରେନ ସାହୁ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋଶନା ସାହୁ, ଜିଲ୍ଲା ଯୁବବିଜେଡି ସଭାପତି ରାଜେଶ ଦାସ, ପୂର୍ବତନ ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ପ୍ରିୟଦର୍ଶନୀ ତରାଇ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ସୁପ୍ରୀତି ନାଥଶର୍ମା, ପେଣ୍ଠପାଳ ପଞ୍ଚାୟତ ବିଜେଡି ସଭାପତି କେଦାର ବିଶ୍ୱାଳ ପ୍ରମୁଖ ଭାଷଣ ଦେଇ ଏ ଅଞ୍ଚଳର ବିକାଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଥିବାରୁ ଉଭୟ ବିଜେଡି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଏହି ବିଶାଳ ମହିଳା ସମ୍ମିଳନୀରେ ସହସ୍ରାଧିକ ମହିଳା ଯୋଗ ଦେଇଥିଲେ।

● ଫୋକସ୍‌ରେ ବଙ୍ଗଭାଷୀ ଭୋଟର

## ଅଂଶୁମାନ ଓ ଅତନୁଙ୍କ ବିଶାଳ ରାଲି; କେନ୍ଦ୍ରମନ୍ତ୍ରୀଙ୍କ ସଭା

**ମହାକାଳପଡ଼ା, ୨୯।୫(ସମିସ):** ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିବା ବଙ୍ଗଭାଷୀ ଭୋଟରଙ୍କ ଉପରେ ଉଭୟ ବିଜେଡି ଓ ଭାଜପା ଫୋକସ ଦେଉଛନ୍ତି। ମଙ୍ଗଳବାର ବିଜେଡିର ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ରାଲି କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଶୋଭାଯାତ୍ରା ଅଙ୍ଗୁଳାଇ ଛକରୁ ଆରମ୍ଭ ହୋଇ କୁହୁଡି, ରାଜଗଡ଼, ଅଳାଇଲୋ, ଦେଉଳପଡ଼ା, ବିଜୟନଗର, ବଡିହି, ଗୋଗୁଆ, ଲାଞ୍ଜୁଡା, ସୁନୀତି ପଞ୍ଚାୟତ ପରିକ୍ରମା କରିବା ପରେ ଜମ୍ବୁ ପଞ୍ଚାୟତରେ ଭୋଟ ଭିକ୍ଷା କରିଥିଲେ। ଏହି ଅଞ୍ଚଳରେ ଅଧିକ ସଂଖ୍ୟାରେ ମତ୍ସ୍ୟଜୀବୀ ଅଛନ୍ତି, ନବୀନ ପଟ୍ଟନାୟକ ସରକାର ସେମାନଙ୍କ ଉନ୍ନତି ପାଇଁ ବହୁ ଯୋଜନା କରିଛନ୍ତି। ସ୍ଥାୟୀଭାବେ ରହି ଜୀବନ ଧାରଣରେ ଉନ୍ନତି ପାଇଁ ଅନେକ ଯୋଜନା କରାଯାଇଛି। ନବୀନ ଯାହା କୁହନ୍ତି ତାହା କରନ୍ତି, ତେଣୁ ନବୀନଙ୍କ ଉପରେ ଜନସାଧାରଣ ବିଶ୍ୱାସ ରଖିଛନ୍ତି। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଶଙ୍ଖ ଚିହ୍ନରେ ଦୁଇଟି ଭୋଟ ଦେଇ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ବିଧାନସଭା ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କୁ ବିଜୟୀ କରାଇବାକୁ ନିବେଦନ କରିଥିଲେ। ଦିବଂଗତ ନେତା ନଳିନୀକାନ୍ତ ମହାନ୍ତି ଏହି ଅଞ୍ଚଳର ଲୋକପ୍ରିୟ ନେତା ଥିଲେ ତେଣୁ ତାଙ୍କ ପୁଅ ଅଂଶୁମାନଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜମ୍ବୁରେ ସଭା କରି ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।

## ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ



**ଗୋବିନ୍ଦପୁର, ୨୯।୫(ସମିସ):** ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତରେ ବିଜେଡି ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ ସଂଯୋଜନା କରିଥିଲେ। ପ୍ରାକ୍ତନ ସରପଞ୍ଚ ନିଖିଳ ସାମଲ ସଭାପତିତ୍ୱରେ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଯୋଗ ଦେଇ ବିଜେଡି ସରକାରର ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ଧୋଇଆ ଅଞ୍ଚଳର ବିକାଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ୨୦ ପରିବାର ଅନ୍ୟ ଦଳ ପରିତ୍ୟାଗ କରି ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ଦେବ ନୂତନ କର୍ମୀଙ୍କୁ ଉତ୍ତରୀୟ ଦେଇ ବିଜେଡି ଦଳରେ ସାମିଲ କରିଥିଲେ। ବିଜେଡି ସଭାପତି ସନାତନ ମିଶ୍ର, ଏରଡଙ୍ଗ ପ୍ରାକ୍ତନ ସରପଞ୍ଚ ପୁରୁଷୋତ୍ତମ ପଲାଇ, ସଂଶିଧା ସରପଞ୍ଚ ଦୀପକ ଭୂୟାଁ, ସମିତି ସଭ୍ୟ କୈଳାଶ ବେହୁରିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡିର ବହୁ କର୍ମୀ ଓ ସମର୍ଥକମାନେ ଉପସ୍ଥିତ ଥିଲେ।

## ପୂର୍ବତନ ସୈନିକଙ୍କ ପରଲୋକ

**ମାର୍ଶାଘାଇ, ୨୯।୫(ସମିସ):** ମାର୍ଶାଘାଇ ବଡ଼ପାଳଡିଆ ଗ୍ରାମର ବାସିନ୍ଦା ତଥା ପୂର୍ବତନ ସୈନିକ ମଧୁସୂଦନ ଦାସ (୬୯)ଙ୍କର ମଙ୍ଗଳବାର ପରଲୋକ ହୋଇଛି। ଦୀର୍ଘଦିନ ଧରି ସେ କିଡ଼ନୀ ରୋଗରେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ବୁଧବାର ବଡ଼ପାଳଡିଆ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ମଳୟ ଦାସ ମୁଖାଗ୍ନି ଦେଇଥିଲେ। ଗରଜଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିପୁଳ ନାୟକ, ସମିତି ସଭ୍ୟ ଶରତ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ ବ୍ଲକ ଉପାଧକ୍ଷା ସ୍ନେହଲତା ବେହେରା, କ୍ଷୀରୋଦ ଦାସ, ଦୀପକ ଦାସ, ମନୋଜ ନାୟକ, ଦୁଷ୍ମନ୍ତ ନାୟକ, ପ୍ରଶାନ୍ତ ନାୟକ, ରଜନୀକାନ୍ତ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



### ଶଙ୍ଖନାଳିର ସଟର ଭାଙ୍ଗି ମୁକୁଳା

# ଗୋବରୀ ନଦୀର ଉଦ୍‌ବୃତ୍ତ ଜଳରେ ବୁଡ଼ିବ ଶହ ଶହ ଏକର ଚାଷଜମି

ପଞ୍ଚୁପାଣ୍ଡବ, ୨୯।୫(ସମିସ)



ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁରଠାରେ ଥିବା ଶଙ୍ଖନାଳୀ (ଆନିକଟ)ର ୪ଟି ସଟର ଭାଙ୍ଗିଗଲାଣି। ଏହି ବାଟ ଦେଇ ନୂଆହାଟ ପାଟର ଚାଷଜମିରୁ ଉଦବୃତ୍ତ ବର୍ଷାଜଳ ଗୋବରୀ ନଦୀକୁ ନିଷ୍କାସିତ ହେବା ସହିତ ଗୋବରୀ ନଦୀରେ ଆସୁଥିବା ବନ୍ୟାଜଳକୁ ମଧ ଚାଷଜମିକୁ ଛାଡ଼ି ନଥାଏ। ଚଳିତ ବର୍ଷ ଏହି ଶଙ୍ଖନାଳୀର ସଟର ଗୁଡ଼ିକ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଚଳିତ ବର୍ଷ ଚାଷଜମିରୁ ଏହି ବାଟ ଦେଇ ସମସ୍ତ ଜଳ ନିଷ୍କାସିତ ହୋଇ ଚାଷ ଜମି ଶୁଖିଲା ପଡ଼ିବା ଆଶଙ୍କା ଦେଖାଦେଇଛି। ଏଥିସହିତ ଆସନ୍ତା ବର୍ଷାଋତୁରେ ଗୋବରୀ ନଦୀରେ ବନ୍ୟାଜଳ ଆସିଲେ ନଦୀର ଉଦବୃତ୍ତ ବନ୍ୟାଜଳ ଏହି ବାଟ ଦେଇ ଚାଷଜମିକୁ ପ୍ରବେଶ କରି ଚାଷ କାର୍ଯ୍ୟରେ ବାଧା ସୃଷ୍ଟି କରିବ। ଫଳରେ ଲକ୍ଷ୍ମୀନାରାୟଣପୁର, ବଳଭଦ୍ରପୁର, ନୂଆହାଟ ଏବଂ କଇଁସିରିଆକୋଠି ଇତ୍ୟାଦି ଅଞ୍ଚଳର ଶହଶହ ଏକର ଚାଷଜମିରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବ। କେନ୍ଦୁପାଟଣା ସେକ୍ସନ ଅଧୀନରେ ଥିବା ଏହି ପାଟନାଳୀଟର ଶଙ୍ଖନାଳୀଟିକୁ ପୁନରୁଦ୍ଧାର କରିବାକୁ ଅଞ୍ଚଳର ଚାଷୀ ଅକ୍ଷୟ କୁମାର ସାହୁ, କାମଦେବ ନାୟକ, ବୃନ୍ଦାବନ ମଣ୍ଡଳ, ମୃତ୍ୟୁଞ୍ଜୟ ମଣ୍ଡଳ, ଗୋବିନ୍ଦ ଦାଶ, ମୁରଲୀଧର ମହାରଣା, ଅମେୟ ପଲେଇ, ନିରଞ୍ଜନ କର ଓ ଅଜୟ କୁମାର ପତି ପ୍ରମୁଖ ଦାବି କରିଛନ୍ତି।

# ବଉଳାଙ୍ଗ ରାସ୍ତା ବିପର୍ଯ୍ୟସ୍ତ

**କୁଜଙ୍ଗ, ୨୯।୫(ସମିସ୍):** କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ଉପ ବିଭାଜନ ବିଭାଗ ଅଧୀନରେ ଥିବା ବଉଳାଙ୍ଗ ଗ୍ରାମଠାରୁ ବାମଦେଇପୁର ଗୌରଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ପାଖାପାଖି ୨କିମି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଗଲାଣି। ଅଦିନିଆ ଲଘୁଚାପ ବର୍ଷାରେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମାହୋଇ ରହିଛି। ଫଳରେ ପଥଚାରୀମାନେ ଯାତାୟତରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ଓ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଉକ୍ତ ରାସ୍ତା ମଧ୍ୟରେ ଦୁଇଟି ସରକାରୀ ହାଇସ୍କୁଲ ମଧ୍ୟ ଅବସ୍ଥିତ। ଯେଉଁଥିରେ କି ଶହ ଶହ ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ମଧ୍ୟ ଯାଆସ କରିଥାନ୍ତି ଏବଂ ଦୈନନ୍ଦିନ ଶହ ଶହ ଲୋକ ଉକ୍ତ ରାସ୍ତାରେ କୁଜଙ୍ଗକୁ ବିଭିନ୍ନ କାର୍ଯ୍ୟରେ ଯିବାଆସିବା କରିଥାନ୍ତି। ଏଣୁ ଉକ୍ତ ରାସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅଟେ। ଏଥିପ୍ରତି ତୁରନ୍ତ ସମ୍ପୃକ୍ତ ବିଭାଗ ଦୃଷ୍ଟି ଦେବା ସହିତ ଏହି ରାସ୍ତାକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଜନସାଧାରଣଙ୍କ ତରଫରୁ ଦୃଢ଼ ଦାବି ହେଉଛି।



